

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



Vol - 22 ✦ Issue No:158 ✦ 3 October 2026 (Saturday) ✦ Rourkela ✦ Rs.2.00 ✦ Page -1 ✦ ୨୨ ବର୍ଷ ✦ ସଂଖ୍ୟା:୧୫୮ ✦ ୩ ଅକ୍ଟୋବର ୨୦୨୬ (ଶନିବାର) ✦ ରାଉରକେଲା ✦ ମୂଲ୍ୟ:ଟ.୨.୦୦ ✦ ପୃଷ୍ଠା-୬


# ନବୀନଙ୍କ ରଣହୁଙ୍କାର : ସବୁ କାମରେ ସରକାର ଫେଲ୍



## ପିଲାଙ୍କ ପଢା ବହି ନାହିଁ, ବୁଢାବୁଢ଼ିଙ୍କ ପେନସନ ନାହିଁ, ଚାଷୀ ହଇରାଣ...

ଭୁବନେଶ୍ୱର,୨/୧୦(ନି/ପ୍ର): ଗାନ୍ଧୀ ଜୟନ୍ତୀରୁ ବିଜେଡିର ବାର୍ଷିକ ଜନସମ୍ପର୍କ ପଦଯାତ୍ରା ଏକାମ୍ର ନିର୍ବାଚନମଣ୍ଡଳୀରୁ ଶୁଭାରମ୍ଭ ହୋଇଛି । ନଭେମ୍ବର ଦୁଇ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ । ବିମାନବନ୍ଦର ନିକଟସ୍ଥ ରଜ ପଡିଆରୁ ପଦଯାତ୍ରାର ଶୁଭାରମ୍ଭ କରି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ, ବିଜୁ ଜନତା ଦଳ ତାର ଭଲ କାମ ପାଇଁ ସବୁବେଳେ ଲୋକଙ୍କ ହୃଦୟରେ ଅଛି ଓ ରହିଥିବ । ଓଡ଼ିଶା ଏବେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛି । ସରକାର କହୁଛନ୍ତି ଲୋକଙ୍କ ସରକାର କିନ୍ତୁ ଲୋକଙ୍କ କଥା ଶୁଣିବାକୁ କେହି ନାହିଁ । ପିଲାଙ୍କ ପଢା ବହି ନାହିଁ । ବୁଢାବୁଢ଼ିଙ୍କ ପେନସନ ନାହିଁ । ଚାଷୀ ହଇରାଣ । ମା ମାନେ ହଇରାଣ । ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ।ରାଜ୍ୟ ସରକାରଙ୍କ ବିଫଳତା ଓ ପରିଚାଳନା ଉପରେ ନବୀନ କହିଥିଲେ ଯେ, ସରକାର ଗୋଟିଏ ବି ରଥଯାତ୍ରା ଠିକ୍ ଭାବରେ ପରିଚାଳନା କରି ପାରିଲେନି ।ବନ୍ୟା ରିଲିଫରେ କୁପରିଚାଳନା, ଧାନ ସଂଗ୍ରହରେ କୁପରିଚାଳନା, ନିଯୁକ୍ତି ପରୀକ୍ଷା କୁପରିଚାଳନା, ଅର୍ଥ ବ୍ୟବସ୍ଥାରେ କୁପରିଚାଳନା, ସବୁ କାମରେ ଏ ସରକାର ଫେଲ୍ । ଲୋକ କହୁଛନ୍ତି ଯେ, ବିଜେପି ସରକାର କୁପରିଚାଳନାରେ ବିଶେଷ ଦକ୍ଷତା ହାସଲ କରିଛି । କେନ୍ଦ୍ର ସରକାର ଖଣି ଉପରୁ ଓଡ଼ିଶାବାସୀଙ୍କ ଅଧିକାର ନେଇଗଲେ । ଓଡ଼ିଶା ସରକାର ଚୁପ୍ କୋଡିଏ ବିଜେପି ସାଂସଦ ଓଡ଼ିଶାବାସୀଙ୍କ ପାଇଁ ଚୁପ୍ । କିନ୍ତୁ ଖଣି ମାଲିକଙ୍କ ପାଇଁ ଲଢ଼ିବାକୁ ପ୍ରସ୍ତୁତ । ପିଲାଙ୍କ ପଢା ବହି କଥା ନ କହିବା ଭଲ । ହଜାର ହଜାର ଭୁଲ । କିନ୍ତୁ ଉତ୍ତରଦାୟିତ୍ୱ ନେବାକୁ ସରକାର ନାରାଜ ବୋଲି କ୍ଷୋଭ ପ୍ରକାଶ କରିଥିଲେ ନବୀନ । ନବୀନ ଆହୁରି କହିଥିଲେ ଯେ ରାଜ୍ୟରେ ରାଜସ୍ୱ ସଂଗ୍ରହ କମୁଛି । ବଜେଟ ବ୍ୟୟ ବରାଦ ଖର୍ଚ୍ଚ ହୋଇ ପାରୁନି । କିଛି କାମ ହେଉନାହିଁ କିନ୍ତୁ ଋଣ ଭାର ବଢ଼ି ଚାଲିଛି । ଟଙ୍କା କୁଆଡେ ଯାଉଛି ବୋଲି ସେ ପ୍ରଶ୍ନ କରିଥିଲେ । ବିଜୁ ଜନତା ଦଳ ବିଜୁ ବାବୁଙ୍କ ଆଦର୍ଶରେ ଓଡ଼ିଶା ପାଇଁ ଲଢ଼ି ଆସିଛି ଓ ଆଗାମୀ ଦିନରେ ଲଢେଇକୁ ଆହୁରି ଜୋରଦାର କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର , ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ଜେନା, ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ ଓ ମନ୍ମଥ ରାଉତରାୟ ପ୍ରମୁଖ ଉଦବୋଧନ ଦେଇଥିଲେ ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


# ୪ ତାରିଖରୁ ବଢ଼ିବ ଓମଫେଡ୍ କ୍ଷୀର ଦର




ଭୁବନେଶ୍ୱର,୨/୧୦(ନି/ପ୍ର): ପାର୍ବଣ ପୂର୍ବରୁ ପୁଣି ଗ୍ରାହକଙ୍କୁ ମହଙ୍ଗାମାଡ । ପକେଟରେ ପଡ଼ିବ ପ୍ରଭାବ । ଗତକାଲି ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ଦର ବୃଦ୍ଧି ପାଇଥିବା ବେଳେ ଏବେ ବଢିଲା ଓମଫେଡ୍ କ୍ଷୀର ଦର । ଆସନ୍ତା ୪ ତାରିଖରୁ ଓମଫେଡ୍ କ୍ଷୀର ଦର ବୃଦ୍ଧି କରିବାକୁ ଯାଉଛି । ପ୍ରତି ଲିଟରରେ ୨ରୁ ୪ ଟଙ୍କା ବଢିଛି । ଟୋନଡ୍ ଦୁଗ୍ଧ ଲିଟର ପ୍ରତି ୫୬ ଟଙ୍କାରୁ ବୃଦ୍ଧି ପାଇ ୫୮ ଟଙ୍କା ହୋଇଛି । ୪ରୁ ଦୁଗ୍ଧ ଦର ଓମ୍‌ଫେଡ୍ ବୃଦ୍ଧି କରିବ । ଟୋନ୍‌ଡ ଦୁଗ୍ଧ ଲିଟର ପ୍ରତି ୪ ଟଙ୍କା ବୃଦ୍ଧି ହୋଇ ଲିଟର ୫୪ ଟଙ୍କାରୁ ବୃଦ୍ଧି ପାଇ ୫୮ ଟଙ୍କା ହେବ । ଟୋନ୍‌ଡ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୨ ଟଙ୍କା ବୃଦ୍ଧି ହେବ । ପ୍ରିମିୟମ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହେବ । ଲିଟର ୫୮ ଟଙ୍କାରୁ ବୃଦ୍ଧି ପାଇ ୬୦ ଟଙ୍କା ହେବ । ପ୍ରିମିୟମ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୧ ଟଙ୍କା ବୃଦ୍ଧି ହେବ । ଗୋଲ୍ଡ ପ୍ଲସ୍ ଦୁଗ୍ଧ ଲିଟର ପ୍ରତି ୨ ଟଙ୍କା ବୃଦ୍ଧି ହୋଇ ଲିଟର ୬୪ ଟଙ୍କାରୁ ବୃଦ୍ଧି ପାଇ ୬୬ ଟଙ୍କା ହେବ । ଗୋଲ୍ଡ ପ୍ଲସ୍ ଦୁଗ୍ଧ ପ୍ୟାକେଟ୍ (୫୦୦ ମି.ଲି) ୧ ଟଙ୍କା ବୃଦ୍ଧି ହେବ ।

# ମହାନଦୀ ପାଇଁ ଦିଲ୍ଲୀରେ ମହାବୈଠକ : ଅଧ୍ୟକ୍ଷତା କଲେ ଅମିତ ଶାହ



ନୂଆଦିଲ୍ଲୀ/ଭୁବନେଶ୍ୱର,୨/୧୦ : ମହାନଦୀ ଜଳବିବାଦର ଆପୋସ ସମାଧାନ ପ୍ରକ୍ରିୟା ଆଉ ପାଦେ ଆଗେଇଛି । ଗତ ଜୁଲାଇ ମାସରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ବୈଠକ ହୋଇଥିଲା । ଆଜି ନୂଆଦିଲ୍ଲୀରେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଜଳବିବାଦ ସମ୍ପର୍କିତ ଆଉ ଏକ ବୈଠକ ହୋଇଛି । ଏଥିରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି. ଆର.ପାଟିଲ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଉପସ୍ଥିତ ଥିଲେ । ବୈଠକ ପରେ ଗଣମାଧ୍ୟମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଖୁବ୍ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ଆଲୋଚନା ସକାରାତ୍ମକ ହୋଇଛି । ଆମେ ଧୀରେ ଧୀରେ ସମାଧାନର ନିକଟତର ହେଉଛୁ । ଖୁବ୍‌ଶୀଘ୍ର ଏହାର ଚୂଡ଼ାନ୍ତ ରୂପରେଖ ପ୍ରକାଶ ପାଇବ । ଉଭୟ ରାଜ୍ୟର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମାଧାନର ପନ୍ଥା ବାହାରିବ । ମୁଖ୍ୟମନ୍ତ୍ରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଡବଲ ଇଞ୍ଜିନ ସରକାରରେ ଦେଶ ଓ ରାଜ୍ୟର ବିକାଶ ତ୍ୱରାନ୍ୱିତ ହେଉଛି । ରାଜ୍ୟମାନଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ମଧ୍ୟ ପଥ ଉନ୍ମୁକ୍ତ ହେଉଛି । ଆମର ଡବଲ ଇଞ୍ଜିନ ସରକାର ଆସିବା ପରେ ମହାନଦୀ ସମସ୍ୟାର ସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି । ଆଇନଗତ ପ୍ରକ୍ରିୟା ସହିତ ପ୍ରଶାସନିକ ଓ ରାଜନୈତିକ ସମାଧାନର ପନ୍ଥାକୁ ମଧ୍ୟ ବ୍ୟାପକ କରାଯାଇଛି । ଏହା ଅନ୍ୟ ରାଜ୍ୟମାନଙ୍କ ପାଇଁ ବିବାଦ ସମାଧାନର ଏକ ନମୁନା ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ । ସେ କହିଥିଲେ, ମହାନଦୀ ଆମର ଜୀବନରେଖା । ଓଡ଼ିଶାର କୋଟି କୋଟି ଲୋକଙ୍କ ଜୀବନ ଜୀବିକାର ପନ୍ଥା ହେଉଛି ମହାନଦୀ । ଜଳସେଚନ, ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ଉତ୍ପାଦନ, ପାନୀୟ ଜଳଯୋଗାଣ, ପରିବେଶ ଆଦି ଅନେକ ବିଷୟରେ ବୈଠକରେ ଉପସ୍ଥାପନ କରାଯାଇଛି । ଓଡ଼ିଶାକୁ କିପରି ପର୍ଯ୍ୟାପ୍ତ ପରିମାଣରେ ଜଳ ଉପଲବ୍ଧ ହେବ, ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି ବୋଲି ପ୍ରକାଶ କରିଥିଲେ । ମହାନଦୀ ସମସ୍ୟାର ସମାଧାନ ପାଇଁ ଗୃହମନ୍ତ୍ରୀ ନିଜେ ଦାୟିତ୍ୱ ନେଇ ସମାଧାନର ପନ୍ଥା ବାହାର କରିବା ପାଇଁ ଉଦ୍ୟମ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବୈଠକରେ କେନ୍ଦ୍ର ଗୃହ ମନ୍ତ୍ରାଳୟ, ଜଳଶକ୍ତି ମନ୍ତ୍ରାଳୟ, କେନ୍ଦ୍ରୀୟ ଜଳ ଆୟୋଗ, ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟ ଶାସନ ସଚିବ ଓ ଉଚ୍ଚ ପଦାଧିକାରୀଗଣ ଉପସ୍ଥିତ ଥିଲେ ।

# ଦ୍ୱିତୀୟ ସପ୍ତାହରେ ପୁଣି ଲଘୁଚାପ :
## ଦଶହରାରେ ଭିଜିବ ଓଡ଼ିଶା !



ଭୁବନେଶ୍ୱର,୨/୧୦(ନି/ପ୍ର): ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ଆଣ୍ଡାମାନସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି । ପାଣିପାଗ ବିଭାଗ ବିସ୍ତାରିତ ରିପୋର୍ଟରେ ଦର୍ଶାଯାଇଛି ଯେ ଅକ୍ଟୋବର ୧୨ରେ ଉତର ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ୧୩ ତାରିଖରେ ତାହା ଲଘୁଚାପ କ୍ଷେତ୍ରରେ ପରିଣତ ହେବ । ୧୫ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଚଂଳରେ ଅଧିକ ଘନୀଭୂତ ହୋଇ ଅବପାତ ରୂପ ନେଇପାରେ । ସମ୍ଭାବ୍ୟ ଅବପାତ ପ୍ରଭାବ ଓଡ଼ିଶା ଉପରେ କେତେ ଦୂର ରହିବ, ଗତିପଥ କ'ଣ ରହିବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୪ ଘଟାଂ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋରଧା ଏବଂ ନୟାଗଡ଼ ଜିଲାର କିଛି ଅଚଂଳରେ ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ । ଏଥିପାଇଁ ଉପରୋକ୍ତ ଜିଲାଗୁଡ଼ିକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ଣ୍ଣିଂ ଦିଆଯାଇଛି । ଅପରପକ୍ଷେ, ଉପରମୁଣ୍ଡରୁ ହୀରାକୁଦକୁ ବନ୍ୟାଜଳ ପ୍ରବେଶ କମିବା ହେତୁ ଖୋଲା ଯାଇଥିବା ୩୦ଟି ଫାଟକରୁ ୨୯ଟି ଫାଟକ ବନ୍ଦ କରି ଦିଆଯାଇଛି ।

# ପାଇଲଟ୍ ସ୍ମିତ୍ କହିଲେ ହନୁମାନ ଚାଳିଶା ଦେଲା ସାହସ :
## ମୁଁ ଏବଂ ମୋ ପୁଅ ନିୟମିତ ଭାବେ ହନୁମାନ ଚାଳିଶା ପାଠ କରୁ



ନୂଆଦିଲ୍ଲୀ,୨/୧୦ : ଆକାଶରେ ଉଡୁଥିବା ବିମାନ, କକପିଟ୍ ଭିତରେ ଜୀବନ-ମୃତ୍ୟୁର ସଂଘର୍ଷ । ଏକପଟେ କୋ-ପାଇଲଟଙ୍କ ଜୀବନଘାତୀ ଆକ୍ରମଣ, ଅନ୍ୟପଟେ ବିମାନରେ ଥିବା ୧୭୦ ଯାତ୍ରୀଙ୍କ ସୁରକ୍ଷା । ଏଭଳି ଭୟଙ୍କର ପରିସ୍ଥିତିରେ ଅସାଧାରଣ ସାହସ ଦେଖାଇ ଶତାଧିକ ଲୋକଙ୍କ ଜୀବନ ବଚାଂଇଥିବା ଫ୍ଲାଇଦୁବାଇର ଭାରତୀୟ ପାଇଲଟ୍ ସ୍ମିତ ମଚ୍ଛାର ଏବେ ସମଗ୍ର ଦେଶର ଗର୍ବ ପାଲଟିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ମିତ ମଚ୍ଛାରଙ୍କ ସହ ଫୋନ୍‌ରେ କଥା ହୋଇ ତାଙ୍କ ସାହସିକତାର ପ୍ରଶଂସା କରିଥିଲେ । ଏହି ସମୟରେ ସ୍ମିତ ସେହି ଭୟଙ୍କର ମୁହୂର୍ତ୍ତର ଅନୁଭବ ବଖାଣିଥିଲେ । ସେ କହିଥିଲେ, ଆକ୍ରମଣ ସମୟରେ ସେ ନିରନ୍ତର ହନୁମାନ ଚାଳିଶା ପାଠ କରୁଥିଲେ । ଭଗବାନ ହନୁମାନଙ୍କ ଉପରେ ଥିବା ଅଗାଧ ବିଶ୍ୱାସ ତାଙ୍କୁ ହିଁ ସାହସ ଓ ମନୋବଳ ଦେଇଥିଲା । ସ୍ମିତ କହିଥିଲେ, ସେତେବେଳେ ତାଙ୍କ ମନରେ ଗୋଟିଏ କଥା ଥିଲା ଯଦି ସେ ଧୈର୍ଯ୍ୟ ହରାଇବେ, ତେବେ ବିମାନରେ ଥିବା ସମସ୍ତ ଯାତ୍ରୀଙ୍କ ଜୀବନ ବିପଦରେ ପଡ଼ିବ । ଗୁରୁତର ଆହତ ହୋଇଥିଲେ ମଧ୍ୟ ସେ ବିମାନର ନିୟନ୍ତ୍ରଣ ଛାଡ଼ିନଥିଲେ । ପରିସ୍ଥିତି ଗମ୍ଭୀର ହେବା ପରେ ସେ କକପିଟ୍‌ର ଦ୍ୱାର ଖୋଲିଦେଇଥିଲେ, ଯାହାଫଳରେ କିଛି ଯାତ୍ରୀ ଭିତରକୁ ଆସି ପରିସ୍ଥିତି ସମ୍ଭାଳିବାରେ ସହଯୋଗ କରିଥିଲେ । ସ୍ମିତ ମଚ୍ଛାର ଆହୁରି କହିଥିଲେ, ସେ ଓ ତାଙ୍କ ପୁଅ ନିୟମିତ ଭାବେ ହନୁମାନ ଚାଳିଶା ପାଠ କରନ୍ତି । ବିଦେଶରେ ରହୁଥିଲେ ମଧ୍ୟ ସେ ନିଜ ସଂସ୍କୃତି ଓ ପରମ୍ପରା ସହ ଜଡ଼ିତ ଅଛନ୍ତି ।

# ରାଜଘାଟରେ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଦେଲେ ପ୍ରଧାନମନ୍ତ୍ରୀ...



## ସତ୍ୟ ଓ ଅହିଂସାର ବାର୍ତ୍ତାକୁ ମନେ ପକାଇଲା ଦେଶ

ନୂଆଦିଲ୍ଲୀ,୨/୧୦: ଦେଶକୁ ସ୍ୱାଧୀନତାର ପଥ ଦେଖାଇଥିବା ମହାତ୍ମା... ସତ୍ୟ ଓ ଅହିଂସାକୁ ଅସ୍ତ୍ର କରି ବ୍ରିଟିଶ ଶାସନକୁ ଚ୍ୟାଲେଞ୍ଜ ଦେଇଥିବା ମହାନ ନେତା... ଆଜି ସେହି ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀ । ବାପୁଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ ତାଙ୍କୁ ସ୍ମରଣ କରିଥିବା ବେଳେ, ଦିଲ୍ଲୀର ରାଜଘାଟରେ ଦେଖିବାକୁ ମିଳିଥିଲା ଶ୍ରଦ୍ଧା ଓ ସମ୍ମାନର ଅନନ୍ୟ ଦୃଶ୍ୟ । ଗାନ୍ଧୀ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ରାଜଘାଟରେ ପହଚିଂ ମହାତ୍ମା ଗାନ୍ଧୀଙ୍କ ସମାଧିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ବାପୁଙ୍କ ପ୍ରତି ଗଭୀର ଶ୍ରଦ୍ଧା ଜଣାଇବା ସହ ତାଙ୍କ ଆଦର୍ଶକୁ ସ୍ମରଣ କରିଥିଲେ । ଏହାପରେ ଗାନ୍ଧୀ ସମାଧିଠାରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜନ କରାଯାଇଥିଲା । ବିଭିନ୍ନ ଧର୍ମର ପ୍ରତିନିଧିମାନେ ଏଥିରେ ଯୋଗଦେଇ ପ୍ରାର୍ଥନା କରିଥିଲେ ଏବଂ ବାପୁଙ୍କ ସତ୍ୟ, ଅହିଂସା ଓ ସଦ୍ଭାବନାର ବାର୍ତ୍ତାକୁ ମନେ ପକାଇଥିଲେ । ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ରମନ୍ତ୍ରୀ ମନୋହର ଲାଲ ଖଟ୍ଟର, ଦିଲ୍ଲୀ ଉପରାଜ୍ୟପାଳ ତରଣଜିତ ସିଂହ ସନ୍ଧୁ ଓ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ରାଜଘାଟରେ ପହଚିଂ ବାପୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସର୍ବଧର୍ମ ପ୍ରାର୍ଥନା ସଭାରେ ଯୋଗଦେଇ ସେମାନେ ଗାନ୍ଧୀଙ୍କ ଆଦର୍ଶକୁ ଆଜି ମଧ୍ୟ ପ୍ରାସଙ୍ଗିକ ବୋଲି କହିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡକରୀ ସୋସିଆଲ ମିଡିଆରେ ଲେଖିଥିଲେ ଯେ, ଗାନ୍ଧୀଜୀଙ୍କ ସ୍ୱଦେଶୀ ଓ ସ୍ୱରାଜର ବିଚାର ଆଗାମୀ ପିଢ଼ିକୁ ପ୍ରେରଣା ଦେଇଚାଲିବ । ସେହିପରି ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗାନ୍ଧୀଙ୍କ ସତ୍ୟ, ଅହିଂସା ଓ ଆତ୍ମନିର୍ଭରତାର ବାର୍ତ୍ତାକୁ ସ୍ମରଣ କରିଥିଲେ । ସମୟ ବଦଳିଛି, ପିଢ଼ି ବଦଳିଛି । କିନ୍ତୁ ବାପୁଙ୍କ ସତ୍ୟ, ଅହିଂସା, ସହିଷ୍ଣୁତା ଓ ମାନବତାର ବାର୍ତ୍ତା ଆଜି ମଧ୍ୟ ସମାନ ଭାବେ ପ୍ରାସଙ୍ଗିକ । ତେଣୁ ଗାନ୍ଧୀ ଜୟନ୍ତୀ କେବଳ ଜଣେ ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରିବାର ଦିନ ନୁହେଁ, ବରଂ ତାଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରିବାର ସଂକଳ୍ପ ନେବାର ଅବସର ।

# ଟ୍ରଲରରୁ ଖସି ମତ୍ସ୍ୟଜୀବୀ ନିଖୋଜ

ଧାମରା,୨/୧୦: ଧାମରା ମତ୍ସ୍ୟପୋତାଶ୍ରୟ ଅଧୀନରେ ଥିବା ଏକ ମାଛଧରା ଟ୍ରଲରରୁ ଜଣେ ମତ୍ସ୍ୟଜୀବୀ ସମୁଦ୍ରକୁ ଖସିପଡ଼ି ନିଖୋଜ ହୋଇଥିବା ନେଇ ଧାମରା ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଅଭିଯୋଗ ଅନୁଯାୟୀ, 'ଓମ୍ ତାରିଣୀ ମା' ନାମକ ମାଛଧରା ଟ୍ରଲରଟି ମାଛ ଧରି ସମୁଦ୍ରରୁ ଫେରୁଥିବା ସମୟରେ ଏଥିରେ କାର୍ଯ୍ୟରତ ମତ୍ସ୍ୟଜୀବୀ ରବୀନ୍ଦ୍ର ସିଂ (୩୭) କୌଣସି କାରଣରୁ ସମୁଦ୍ରକୁ ଖସିପଡ଼ିଥିଲେ । ତେବେ ସେ କେଉଁ ସ୍ଥାନରେ ଟ୍ରଲରରୁ ଖସିପଡ଼ିଥିଲେ କିମ୍ବା କେଉଁଠାରେ ନିଖୋଜ ହୋଇଛନ୍ତି, ସେ ସମ୍ପର୍କରେ ଏଯାବତ୍ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ନିଖୋଜ ରବୀନ୍ଦ୍ରଙ୍କ ଘର ମୟୂରଭଞ୍ଜ ଜିଲ୍ଲାର ଡୁମୁରଡିହ ଗ୍ରାମରେ ବୋଲି ଜଣାପଡ଼ିଛି ।

# ପରିବେଶକୁ ବଚାଂଇବା ସହ ଶିଳ୍ପ ସମୃଦ୍ଧ ହେବା ଆମ ଲକ୍ଷ୍ୟ ହେବା କଥା :ରାଜ୍ୟପାଳ



ଭୁବନେଶ୍ୱର,୨/୧୦(ନି/ପ୍ର): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ନିଜର ଅଭିଭାଷଣରେ କହିଛନ୍ତି, ପରିବେଶକୁ ବଚାଂଇବା ସହ ଶିଳ୍ପ ସମୃଦ୍ଧ ହେବା ଆମ ଲକ୍ଷ୍ୟ ହେବା କଥା । ଶିଳ୍ପ ଆମକୁ ରୋଜଗାର ଦିଏ । ଅଭିବୃଦ୍ଧି ଆଣିଦିଏ । ଶିଳ୍ପ ସମୃଦ୍ଧ ହେବା ଅର୍ଥ ନୁହେଁ ଆମେ ପରିବେଶକୁ ନଷ୍ଟ କରିବା । ଉଭୟକୁ ସମାନ ଦୃଷ୍ଟିରେ ଧ୍ୟାନ ଦେବା ।ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଛନ୍ତି, ପୁନଶ୍ଚ ପୃଥିବୀ କେବଳ ରାଜଧାନୀରେ ସୀମିତ ହୋଇ ରହିନାହିଁ, ଏହା ଓଡ଼ିଶାର ଗାଁ ଗାଁକୁ ବ୍ୟାପି ଗଲାଣି । ପ୍ରକୃତି ପ୍ରତି ସମ୍ବେଦନଶୀଳତା କାରଣରୁ ଏହା ସମ୍ଭବ ହୋଇଛି । ଗଛର ଆମେ ଯେତେବେଳେ ଯତ୍ନ ନେଉଁ ନାହାଁନ୍ତି, ଜାଣନ୍ତୁ ଆମେ ଗଛଟିକୁ ଗାଳି ଦେଉଛନ୍ତି ଓ ତାକୁ ମୃତ୍ୟୁବରଣ କରିବାକୁ ଛାଡ଼ି ଦେଉଛନ୍ତି । ଓଡ଼ିଶାରେ ଚଳିତ ବର୍ଷ ୬-୭ ଥର ବନ୍ୟା ଆସିଲାଣି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆଜିର ଦିନରେ ଓଡ଼ିଶାରେ ପାଣିଆ ଖିଆ ମାଛ ଓ ଇଲିସି ମିଳୁନାହିଁ । କିଛି ଦୁର୍ବିପାକ ଦୃଶ୍ୟମାନ ହେଉଛି । କିନ୍ତୁ ଆମେ ଏବେ ପ୍ରତିଦିନ ଅଦୃଶ୍ୟ ଦୁର୍ବିପାକର ସାମ୍ନା କରୁଛେ । ଏନେଇ ଚିନ୍ତା କରିବାର ଆବଶ୍ୟକତା ରହିଛି । ଆମର ଉଚ୍ଚାରଣ ଓ ଆଚରଣ ଆମକୁ ଦୁର୍ବିପାକ ଆଡ଼କୁ ନେଇଯାଉଛି । ଲୋକଙ୍କ ଆଚରଣ, ଉଚ୍ଚାରଣ ଠିକ୍ ରହିଲେ, ଗଛଟିଏ ଭାଙ୍ଗିଲେ ଆମ ମହାପ୍ରଭୁ, ଯିଏ ଦାରୁ ଦେବତା ତାଙ୍କୁ କଷ୍ଟ ହେଉନି ବୋଲି ଆମେ ଚିନ୍ତା କରିପାରିଲେ ହିଁ, ପରିବେଶ ଠିକ୍ ରହିପାରିବ । ଆଜିର ସମୟରେ ପ୍ରତିଟି ଲୋକ ଦୁଇଚକିଆ ଗାଡ଼ି ବ୍ୟବହାର କରନ୍ତି ... କିନ୍ତୁ ସେଥିରୁ ଅଧିକ ପେଟ୍ରୋଲ ଏବଂ ଡିଜେଲ୍ ଗାଡ଼ି କିନ୍ତୁ ଖୁବ୍ କମ୍ ଲୋକ ଇଲେକ୍ଟ୍ରି ଗାଡ଼ି ବ୍ୟବହାର କରନ୍ତି; ଏପରି ହେଲେ କ୍ଲାଇମେଟ୍ କେମିତି ସୁନ୍ଦର ହେବ ? ଭାରତ ୨୨ ଲକ୍ଷ କୋଟିର ଜୈବଇନ୍ଧନ କିଣୁଛି । ସବୁଜ ଶକ୍ତିର ବ୍ୟବହାର ଭାରତର ଅର୍ଥ ବଚାଂଇ ପାରିବ । ଗଭର୍ଣ୍ଣର ସଚିବାଳୟ ଷ୍ଟାଫଙ୍କ ପାଇଁ ଇଲେକ୍ଟ୍ରିକ ଯାନ ଚାର୍ଜିଂ ମାଗଣା କରାଯାଇଛି । ଏହାଦ୍ୱାରା ସେମାନଙ୍କ ଖର୍ଚ୍ଚ ଶୂନ୍ୟ ହୋଇପାରୁଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ସେଭଳି ମାଗଣା ଚାର୍ଜିଂ ବ୍ୟବସ୍ଥା କରାଯାଉ ବୋଲି ରାଜ୍ୟପାଳ କହିଛନ୍ତି । ପ୍ରତି ଉତ୍ସବରେ ବୃକ୍ଷ ରୋପଣ କରନ୍ତୁ । ଆମ ଜୀବନକୁ ଦୀର୍ଘସ୍ଥାୟୀ କରୁଥିବା ବୃକ୍ଷକୁ ଆମେ ରକ୍ଷା କରିବା ଉଚିତ୍ । ଏପରିକି ଆମେ ଅଧିକରୁ ଅଧିକ ବୃକ୍ଷ ଲଗାଇବା ଉଚିତ୍ । ବର୍ଷର ପ୍ରତିଟି ଦିନ କିଛି ଦିବସ ଭାବେ ପାଳନ ହେଉଛି । ଆମେ ପ୍ରତି ଉତ୍ସବରେ ବୃକ୍ଷ ରୋପଣ କରିବା ଉଚିତ୍ । ଆଜି ଦିନର ମୁଖ୍ୟ ସ୍ଲୋଗାନ ହେଉଛି, ବର୍ଷେ ପର୍ଯ୍ୟନ୍ତ ପ୍ରତ୍ୟେକ ଲୋକ ପ୍ରତିଦିନ ଗୋଟିଏ ଲେଖାଏଁ ଗଛ ଲଗାଇବେ । ସୌର ଶକ୍ତି ବିକଳ୍ପ ଶକ୍ତି । ସୌର ଶକ୍ତି ଆପଣାଇବାକୁ କହିଲେ ରାଜ୍ୟପାଳ । କେନ୍ଦ୍ର ସରକାରଙ୍କ ସମେତ ଓଡ଼ିଶା ସରକାର ବି ସବସିଡିର ବ୍ୟବସ୍ଥା କରିଛନ୍ତି । ପେଟ୍ରୋଲ କିମ୍ବା ଡିଜେଲ ଚାଳିତ ଗାଡ଼ି ମୁଁ ବ୍ୟବହାର କରୁନାହିଁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି । ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ଅଶୋଧିତ ତୈଳ ଆମଦାନୀକୁ କମାଇ ଦେଶର ଅର୍ଥନୀତି କୁ ସୁଦୃଢ଼ କରିପାରିବ । ଆମ ଜୀବନଶୈଳୀର ଛୋଟ ପରିବର୍ତ୍ତନ ଏକ ବଡ଼ ପରିବତର୍ତ୍ତନ ଆଣିପାରିବ ।



## କେନ୍ଦୁଝର ସମାଚାର
**A.R. KHAN**
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

# 'ମାନବ-ହାତୀ ସହଅବସ୍ଥାନ ସଚେତନତା ଶିବିର' ଅନୁଷ୍ଠିତ:
## ପରିବେଶ ସନ୍ତୁଳନ ଓ ସୁରକ୍ଷା ଉପରେ ଗୁରୁତ୍ୱ



କେନ୍ଦୁଝର,୨/୧୦(ନି/ପ୍ର): କେନ୍ଦୁଝର ବନଖଣ୍ଡ ଆନୁକୂଲ୍ୟରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ ଏକ 'ମାନବ-ହାତୀ ସହଅବସ୍ଥାନ ସଚେତନତା ଶିବିର' ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ହନୁମନ୍ତ ଧାମଧେରେ ବକ୍ତବ୍ୟ ରଖି କହିଥିଲେ ଯେ, ହାତୀ ସୁରକ୍ଷା ସହିତ ମଣିଷ ଓ ହାତୀଙ୍କ ପାଇଁ ନିରାପଦ ପଦ୍ଧତି ଆପଣାଇବା ନିହାତି ଜରୁରୀ । ମଣିଷ ସମାଜକୁ ବଚାଂଇବା ପାଇଁ ପରିବେଶ ସନ୍ତୁଳନର ଗୁରୁତ୍ୱ ବୁଝିବାକୁ ପଡ଼ିବ । ହାତୀଙ୍କୁ ସୁରକ୍ଷା ଦେଲେ ବାକି ଅନ୍ୟାନ୍ୟ ବନ୍ୟଜନ୍ତୁ ମଧ୍ୟ ସୁରକ୍ଷିତ ରହିପାରିବେ । ଏଥିସହିତ ଜୀବିକା ଉପରେ ଧ୍ୟାନ ଦେବା ସହ ପ୍ରାଣୀମାନଙ୍କ ସୁରକ୍ଷା ନିଶ୍ଚିତ କରିବା ଜରୁରୀ ବୋଲି ସେ ପ୍ରକାଶ କରିଥିଲେ । ଏଥିସହ ଜିଲ୍ଲାରେ ବର୍ତ୍ତମାନ ୧୬୦ଟି ହାତୀ ଅଛନ୍ତି ବୋଲି ସୂଚନା ଦିଆଯାଇଥିଲା । ଏହି ସଚେତନତା ଶିବିରରେ କଣ୍ଟ୍ରୋଲ ରୁମକୁ ଖବର ଦେବା, ରାତିରେ ଟର୍ଚ୍ଚ ବ୍ୟବହାର କରିବା, ହାତୀଙ୍କୁ ନ ଗୋଡ଼ାଇବା ଏବଂ ବେଆଇନ ବିଦ୍ୟୁତ୍ ତାର ନ ଲଗାଇବା ପାଇଁ ସଚେତନ କରାଯାଇଥିଲା । ବିଦ୍ୟୁତ୍ ବିଭାଗ ପକ୍ଷରୁ ସଚେତନତା ବୃଦ୍ଧି କରାଯାଇ ମଣିଷ ଓ ହାତୀଙ୍କ ସୁରକ୍ଷା ନିଶ୍ଚିତ କରାଯାଉଥିବା ବେଳେ, ପ୍ରାଣୀଚିକିତ୍ସା ବିଭାଗ ସହାୟତାରେ ହାତୀଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଇ ସ୍ୱାସ୍ଥ୍ୟ ପ୍ରକ୍ରିୟା ଜାରି ରହିଛି । ଏହି କାର୍ଯ୍ୟକ୍ରମରେ ଆଇ.ଏଫ.ଏସ. ପ୍ରୋବେସନର ଲାକ୍ଷି ଜୈନ, ଆଇ.ଏ.ଏସ. ପ୍ରୋବେସନର ଡଃ ଜିତେନ୍ଦ୍ର କୁମାର ଚୌଧୁରୀ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁକାନ୍ତ ମାଝୀଙ୍କ ସମେତ ଅନ୍ୟାନ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଗତ ସେପ୍ଟେମ୍ବର ୨୭, ୨୦୨୬ ରୁ ଓଡ଼ିଶାରେ ୭୨ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଆରମ୍ଭ ହୋଇଛି, ଯେଉଁଥିରେ ସ୍ଥାନୀୟ ସଚେତନତା କାର୍ଯ୍ୟକ୍ରମ ସହ ଆସନ୍ତା ଅକ୍ଟୋବର ୩, ୨୦୨୬ ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ମୁଖ୍ୟ ସମାରୋହ ପାଇଁ ପ୍ରସ୍ତୁତି ଚାଲିଛି ।

# ଅବକାରୀ ବିଭାଗର ସଫଳତା, ୯ କିଲୋ ଗଞ୍ଜେଇ ଜବତ, ୧ ଗିରଫ

କେନ୍ଦୁଝର,୨/୧୦(ନି/ପ୍ର): ଗଞ୍ଜେଇ ଚାଲାଣ ନେଇ ବିଶେଷ ସୂତ୍ରରୁ ସୂଚନା ମିଳିବା ରେ କେନ୍ଦୁଝର ଅବକାରୀ ଅଧିକ୍ଷକ ଦେବରାଜ ଜାନିଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦୁଝର ଅବକାରୀ ମୋବାଇଲ ସ୍କ୍ୱାର୍ଡ ଇନ୍ସପେକ୍ଟର ପୂର୍ଣଚନ୍ଦ୍ର ବେହେରା ସଦଳବଳେ ସେଣ୍ଡକା ବଜାରରେ ଚଢ଼ାଉ କରିଥିଲେ । ଏହି ସମୟରେ ସେଣ୍ଡକାପର ଶିବଚରଣ ସେନାପିତ ନାମକ ଜଣେ ଯୁବକ ଜରିବସ୍ତା ନେଇ ଯାଉଥିବା ଦେଖି ସନ୍ଦେହ ହେବାରୁ ତାକୁ ଅଟକାଇ ପଚରାଉଚୁରା କରିବା ସମୟରେ ସେ ବସ୍ତାରେ ଗଞ୍ଜେଇ ନେଇ ଯାଉଥିବା କଥା ମାନିଥିଲା । ସଙ୍ଗେସଙ୍ଗେ ମୋବଇଲ ସ୍କ୍ୱାର୍ଡ ବସ୍ତାରେ ଥିବା ୯ କିଲୋ ଗଞ୍ଜେଇ ସହ ଗିରଫ କରିଥିଲେ । ତାକୁ କେନ୍ଦୁଝର ଅବକାରୀ ଥାନାକୁ ଆଣି ଗଞ୍ଜେଇ କେଉଁଠୁ ଆଣିଥିଲା ନେଇ ପଚରା ଉଚୁରା କରିବା ପରେ ପିଆର କେଶ ନମ୍ବର ୧୧୬/୨୦୨୬ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ ଚାଲାଣ କରାଯାଇଛି । ଏହା ସହ ଗଞ୍ଜେଇ ଦେଇଥିବା ଲୋକକୁ ଧରିବା ପାଇଁ ଚଢ଼ାଉ ଜାରି ରହିବା ନେଇ ସୂଚନା ଦେଇଛନ୍ତି ଇନ୍ସପେକ୍ଟର ।

## ଉଚ୍ଚଶିକ୍ଷା ବିଭାଗର ପଦକ୍ଷେପ, ଅହମଦାବାଦସ୍ଥିତ ଇଡିଆଇଆଇରେ ଫ୍ୟାକଲ୍ଟି ମେଂଟର ପ୍ରଶିକ୍ଷଣ ନେଲେ ଡ. ଦେବାଶିଷ ପାହି

ମାଲକାନଗିରି,୨/୧୦(ନି/ପ୍ର): ଯୁବପିଢ଼ିଙ୍କୁ କେବଳ ଚାକିରି ଅନ୍ୱେଷୀ ନୁହେଁ, ବରଂ ଉଦ୍ୟମୀ ଓ ନିଯୁକ୍ତି ସୃଷ୍ଟିକାରୀ ଭାବେ ଗଢ଼ିତୋଳିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କ୍ରମରେ ମାଲକାନଗିରିସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ଦେବାଶିଷ ପାହି ଅହମଦାବାଦସ୍ଥିତ ଇଡି ଆଇ ଆଇ ରେ ଉଦ୍ୟମିତା ବିକାଶ ସମ୍ପର୍କିତ ଫ୍ୟାକଲ୍ଟି ମେଂଟର ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ମାଲକାନଗିରି ଜିଲ୍ଲାରେ ଉଦ୍ୟମିତା ଶିକ୍ଷା ଓ ଆତ୍ମନିଯୁକ୍ତିର ନୂତନ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।ଏହି ପ୍ରଶିକ୍ଷଣର ସୁଯୋଗ ପ୍ରଦାନ କରିଥିବାରୁ ଡ. ପାହି ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରତି କୃତଜ୍ଞତା ଜଣାଇବା ସହ ଉଦ୍ୟମିତା ବିକାଶ କ୍ଷେତ୍ରରେ ଉଚ୍ଚମାନର ପ୍ରଶିକ୍ଷଣ ଓ ବିଶେଷଜ୍ଞଙ୍କ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ଇଡିଆଇ ଆଇ ଅହମଦାବାଦକୁ ଧନ୍ୟବାଦ ଜଣାଇଛନ୍ତି । ଉଚ୍ଚଶିକ୍ଷା ବିଭାଗର ଏହି ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକମାନଙ୍କୁ ଉଦ୍ୟମିତା ମାର୍ଗଦର୍ଶକ ବା ମେଂଟର ଭାବେ ପ୍ରସ୍ତୁତ କରିବା । ଏହାଦ୍ୱାରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ, ସୃଜନଶୀଳ ଚିନ୍ତାଧାରା, ବ୍ୟବସାୟିକ ଦକ୍ଷତା ଓ ଷ୍ଟାର୍ଟଅପ୍ ମନୋଭାବର ବିକାଶ ସହ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଏକ ସୁଦୃଢ଼ ଉଦ୍ୟମିତା ପରିବେଶ ସୃଷ୍ଟି କରିବା ସମ୍ଭବ ହେବ । ମାଲକାନଗିରିର ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବ ନୂଆ ସୁଯୋଗ !ପ୍ରଶିକ୍ଷଣରୁ ଅର୍ଜିତ ଜ୍ଞାନ ଓ ଅଭିଜ୍ଞତାକୁ ମାଲକାନଗିରିର ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚାଇବା ଉପରେ ଗୁରୁତ୍ୱ ଦିଆଯିବ । ଏହା ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ବ୍ୟବସାୟିକ ଚିନ୍ତାଧାରାକୁ ଚିହ୍ନଟ କରିବା, ବ୍ୟବସାୟ ଯୋଜନା ପ୍ରସ୍ତୁତ କରିବା, ବଜାରର ଚାହିଦା ବୁଝିବା ଏବଂ ଏକ ନୂତନ ଧାରଣାକୁ ବାସ୍ତବ ବ୍ୟବସାୟରେ ପରିଣତ କରିବା ସମ୍ପର୍କରେ ଆବଶ୍ୟକ ମାର୍ଗଦର୍ଶନ ପାଇପାରିବେ । ବିଶେଷକରି ମାଲକାନଗିରି ଜିଲ୍ଲାର ସ୍ଥାନୀୟ ସମ୍ପଦ ଓ ଆର୍ଥିକ ସମ୍ଭାବନାକୁ ଆଧାର କରି ନୂତନ ଉଦ୍ୟମ ସୃଷ୍ଟି କରିବାର ବ୍ୟାପକ ସୁଯୋଗ ରହିଛି । କୃଷି, ବନଜାତ ଦ୍ରବ୍ୟ, ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ, ପର୍ଯ୍ୟଟନ, ସ୍ଥାନୀୟ ଉତ୍ପାଦର ବିପଣନ ଓ ଡିଜିଟାଲ୍ ସେବା ଭଳି କ୍ଷେତ୍ରରେ ଉଦ୍ୟମିତାର ନୂତନ ଦିଗ ଅନ୍ୱେଷଣ କରିବା ପାଇଁ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରାଯାଇପାରିବ । ଫଳରେ ସ୍ଥାନୀୟ ସମ୍ପଦର ଉପଯୋଗ ସହ ନୂତନ ବ୍ୟବସାୟିକ ସୁଯୋଗ ଓ ରୋଜଗାରର ପଥ ଉନ୍ମୁକ୍ତ ହୋଇପାରିବ । ଏହି ପଦକ୍ଷେପର ପ୍ରଭାବ କେବଳ ମହାବିଦ୍ୟାଳୟ ପରିସରରେ ସୀମିତ ନ ରହି ଜିଲ୍ଲାର ଯୁବକ-ଯୁବତୀ, ନବଉଦ୍ୟମୀ ଓ ସ୍ଥାନୀୟ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ପହଚିଂବାର ସମ୍ଭାବନା ରହିଛି ।

# ଲୌହ ବଟିକା ଖାଇ ୧୩ ଛାତ୍ରଛାତ୍ରୀ ଅସୁସ୍ଥ



ଆନନ୍ଦପୁର,୨/୧୦(ନି/ପ୍ର): କେନ୍ଦୁଝର ଆନନ୍ଦପୁର ଶାଳପଡା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଇରନ ବଟିକା ଖାଇବା ପରେ ଅସୁସ୍ଥ ହୋଇ ପଡିଛନ୍ତି । ଚିକିତ୍ସା ପରେ ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରିଥିବା ଜଣାଯାଇଛି । ସୂଚନା ଅନୁସାରେ ସରକାରଙ୍କ ତରଫରୁ ଛାତ୍ରଛାତ୍ରୀଙ୍କୁ ଆଇରନ ବଟିକା ପ୍ରଦାନ କରାଯାଇଥିଲା । ଆଜି (ସୋମବାର) ମଧ୍ୟାହ୍ନ ଭୋଜନ ପରେ ଛାତ୍ରଛାତ୍ରୀ ମାନେ ବଟିକା ଖାଇଥିଲେ । ତେବେ ସନ୍ଧ୍ୟାରେ ୧୩ଜଣ ଛାତ୍ରଛାତ୍ରୀଙ୍କ ମୁଣ୍ଡ ବୁଲାଇବା ସହିତ ବାନ୍ତି ହୋଇଥିଲା । ସମସ୍ତଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ୱାର୍ଡରେ ଚିକିତ୍ସା ଚାଲିଛି । ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ଥିବାନେଇ ବିଦ୍ୟାଳୟର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ବେହେରା କହିଛନ୍ତି ।

# ବନ୍ୟା ପରେ ବୈତରଣୀ ନଦୀର ଦାସପାରିଠାରେ ନଦୀବନ୍ଧ ଧସୁଛି

ଭଦ୍ରକ,୨/୧୦(ନି/ପ୍ର): ଏହି ଜିଲାର ଧାମନଗର ବ୍ଲକ ପଧାନୀ ପଂଚାୟତ ଦାସପାରି ମଳିକସାହି ନିକଟରେ ବୈତରଣୀ ନଦୀର ବାମପଟ ବନ୍ଧ ଧସିବା ଆରମ୍ଭ ହୋଇଛି । ପ୍ରାୟ ୩୦୦ ଫୁଟ ପଖାପାଖି ବନ୍ଧ ଧସିଯାଇଥିବା ବେଳେ ପାଣି କମିବା ସହ ମାଟି ଧସିବା ଜାରି ରହିଛି । ଫଳରେ ବନ୍ଧକଡ଼ ରେ ରହୁଥିବା ୪୦ ରୁ ଉର୍ଦ୍ଧ୍ୱ ପରିବାର ଏବେ ଭୟଭୀତ ଅବସ୍ଥାରେ ଅଛନ୍ତି । ଏହି ସ୍ଥାନରେ ନଦୀର ପଠା ନଥିବାରୁ ଜଳସ୍ରୋତ ସିଧାସଳଖ ବନ୍ଧକୁ ଧକ୍କା ଦେଉଛି । ଚଳିତ ବନ୍ୟାରେ ପ୍ରବଳ ଜଳସ୍ରୋତ ଯୋଗୁଁ ବନ୍ଧ ଦୁର୍ବଳ ହୋଇଥିବା ବେଳେ ଭିତରେ ଫମ୍ପା ଆକାରେ ରହିଛି । ଏବେ ପାଣି ହ୍ରାସ ପରେ ଏବେ ମାଟି ଧସିବା ଆରମ୍ଭ ହୋଇଛି । ପୂର୍ବରୁ ମଧ୍ୟ ଏହି ସ୍ଥାନରେ ବନ୍ଧ ଧସିଥିଲା । ପ୍ରଥମ ବନ୍ୟା ପରେ ବନ୍ଧ ସୁରକ୍ଷା ପାଇଁ ଜଳସେଚନ ବିଭାଗ ପକ୍ଷରୁ କାଠ ବଲା, ବାଲିବସ୍ତା ଓ ଜରିପାଲ ବ୍ୟବହାର କରି ଅସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ତେବେ ଚଳିତ ବନ୍ୟାରେ କାଠ ବଲା ଭାସି ଯିବା ସହ ବାଲିବସ୍ତା ଧୋଇଯାଇଥିବାରୁ ବନ୍ଧର ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପୂର୍ବରୁ ଏଠାରେ ବନ୍ଧର ଚଉଡ଼ା ୧୫ ଫୁଟ୍‌ରୁ ଅଧିକ ଥିଲା । ଏବେ ଧସିବା ପରେ କେତେକ ସ୍ଥାନରେ ଏହା ପ୍ରାୟ ୬ ଫୁଟ୍‌କୁ ଖସିଆସିଛି । ଏଭଳି ଭାବେ ଧସିବା ଜାରି ରହିଲେ ବନ୍ଧ ଭାଙ୍ଗିବା ସହ ନିକଟସ୍ଥ ଅଂଚଳରେ ପୁଣି ପାଣି ପଶିବା ଆଶଙ୍କା ରହିଛି । ପଧାନୀ, ଅର୍ଜୁନପୁର ଓ ହସନାବାଦ ପଚାଂୟତର ଅନେକ ଗ୍ରାମ ଏହାଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି । ଚାଷଜମି ନଷ୍ଟ ହେବା ସହ ଘରଦ୍ୱାର ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇପାରେ ବୋଲି ଲୋକେ କହିଛନ୍ତି । ବନ୍ୟା ସମୟରେ କରାଯାଇଥିବା ଅସ୍ଥାୟୀ ସୁରକ୍ଷା କାମ ନଷ୍ଟ ହୋଇଯାଇଥିବାରୁ ଏବେ ସ୍ଥାୟୀ ପ୍ରତିକାରମୂଳକ କାମ ଆବଶ୍ୟକ ହୋଇପଡ଼ିଛି । ବନ୍ଧ ଆହୁରି ଧସିବା ପୂର୍ବରୁ ବିଭାଗୀୟ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ତୁରନ୍ତ ବନ୍ଧ ସୁରକ୍ଷା କାମ ଆରମ୍ଭ କରନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଜଳସମ୍ପଦ ବିଭାଗର ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ସ୍ଥାନରେ ପୂର୍ବରୁ ବନ୍ଧ ସୁରକ୍ଷା କାର୍ଯ୍ୟ କରାଯାଇଥିଲା । ତେବେ ଚଳିତ ବନ୍ୟାରେ ପୁଣି ଏହା କ୍ଷତିଗ୍ରସ୍ତ ହୋଇଛି । ଏସଡିଓଙ୍କ ସହ କଥା ହୋଇ ସେଠାକୁ ଜାଇ ଦେଖିବା ପରେ ଖୁବ୍‌ଶୀଘ୍ର ଆବଶ୍ୟକ କାର୍ଯ୍ୟ କରାଯାଇ ବନ୍ଧର ଦୃଢ଼ୀକରଣ କରାଯିବ ବୋଲି ଶ୍ରୀ ବେହେରା କହିଛନ୍ତି । ଗ୍ରାମବାସୀଙ୍କ କହିବା କଥା ଯେ ସେଠାରେ ପଥର ଦେବା ସହ ସୁରକ୍ଷା ପାଚେରୀ କଲେ ଲୋକ ମାନେ ନିରାପଦ ହେବେ ।

# ମିଳିଲା ଶୁଭ୍ରାନ୍ଶୁଙ୍କ ମୃତଦେହ

ଭଦ୍ରକ,୨/୧୦(ନି/ପ୍ର):ସନ୍ଦେହ ସତ ହେଲା । ତିନି ଦିନ ଧରି ନିଖୋଜ ଥିବା ଧାମନଗର ବ୍ଲକ କଟସାହି ପଂଚାୟତସ୍ଥିତ ଜଗନ୍ନାଥପୁର ମହାଦେବ ସାହିର ବାଳକ ଶୁଭ୍ରାନ୍ଶୁ ପଣ୍ଡା(୧୦)ଙ୍କ ମୃତଦେହ ବୁଧବାର ପାଣିରୁ ଉଦ୍ଧାର କରାଯାଇଛି ।ମହାଦେବ ସାହିର ଶ୍ରୀକାନ୍ତ କୁମାର ପଣ୍ଡାଙ୍କ ଏକମାତ୍ର ପୁଅ ଶୁଭ୍ରାନ୍ଶୁ ଗତ ସୋମବାର ଦିନ ପୂର୍ବାହ୍ନରେ ବନ୍ୟା ପାଣି ଦେଖିବା ପାଇଁ ଗାଁ ମୁଣ୍ଡ ଚତର ନାଳ ନିକଟକୁ ଆସିଥିବା ବେଳେ ବଡ଼ ବାପା ସେଠାରୁ ଘରକୁ ପଠାଇ ଦେଇଥିଲେ ।ବାଳକ ଶୁଭ୍ରାନ୍ଶୁ କିଛି ସମୟ ପରେ ପୁଣି ଲୁଚି ପଳାଇ ଆସିଥିବା ବେଳେ ଆଉ ଘରକୁ ଫେରି ନଥିଲେ ।ଗାଁ ରାସ୍ତାରେ ଚାଲିଥିବା ବନ୍ୟା ସ୍ରୋତରେ ସେ ଭାସି ଯାଇଥିବା ସନ୍ଦେହ ପ୍ରକାଶ ପାଇବା ପରେ ଦୁଇଦିନ ଧରି ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଦ୍ୱାରା ନିକଟବର୍ତ୍ତୀ ଅଂଚଳରେ ଦୀର୍ଘ ସମୟ ଖୋଜାଖୋଜି କରାଯାଇଥିଲା ।କିନ୍ତୁ କୌଣସି ସନ୍ଧାନ ମିଳିନଥିଲା । ବନ୍ୟା ପାଣି କ୍ରମଶଃ ହ୍ରାସ ପାଇଥିବାରୁ ଗାଁର କିଛି ଯୁବକ ପାଣିରେ ଖୋଜାଖୋଜି କରିଥିଲେ ଏବଂ ପାଣି ମଧ୍ୟରେ ଦଳ ଭର୍ତ୍ତି ସ୍ଥାନରୁ ନିଖୋଜ ଶୁଭ୍ରାନ୍ଶୁଙ୍କ ମୃତଦେହ ଉଦ୍ଧାର କରିଥିଲେ ।ଏହି ଘଟଣା ପରେ ଗାଁରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି ।ମୃତ ବାଳକର ପରିବାର ପାଗଳପ୍ରାୟ ହୋଇ ଯାଇଛନ୍ତି ।ଧୂଷୁରୀ ଥାନା ଆଇଆଇସି ଅଜୟ ସୁଦର୍ଶନ ବାଗେ ଘଟଣା ସ୍ଥଳରେ ପହଂଚି ଶବ ଜବତ ସହିତ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି ।ଏ ସଂକ୍ରାନ୍ତରେ ଧୂଷୁରୀ ଥାନାରେ ଅପମୃତ୍ୟୁ ମାମଲା ସଂଖ୍ୟା-୨୯/୨୬ ରୁଜୁ ହୋଇଛି ।

# ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି

**ନବନିର୍ମାଣ ଯୁବ ଛାତ୍ର ସଂଗଠନ, ଏସ୍‌ଏଫ୍‌ଆଇ ଓ ଡିୱାଇଏଫ୍‌ଆଇ ପକ୍ଷରୁ ଭଦ୍ରକରେ ଜାତୀୟ ରାଜପଥ ଅବରୋଧ**

ଭଦ୍ରକ,୨/୧୦(ନି/ପ୍ର): ଗଣତନ୍ତ୍ର ହତ୍ୟାକାରୀ ଭୋଟଚୋର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ, ଓଡିଶାର ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ନବନିର୍ମାଣ ଯୁବ ଛାତ୍ର ସଂଗଠନ, ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ( ଡିୱାଇଏଫ୍‌ଆଇ) ପକ୍ଷରୁ ଭଦ୍ରକ କଲେଜ ଛକ ଠାରେ ଜାତୀୟ ରାଜପଥ- ୧୬ କୁ ଅବରୋଧ କରାଯାଇଥିଲା । ଫଳରେ ହଜାର ହଜାର ଗାଡି ବଂଦ ହୋଇ ଅଟକ ରହିଥିଲା । ଭାରତର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଭାରତୀୟ ଜନତା ପାର୍ଟିର ଅସ୍ତ୍ର ସାଜି ଏସ୍ ଆଇ ଆର ମାଧ୍ୟମରେ ନିର୍ବାଚନ କମିଶନଙ୍କ ଡାଟାବେସ୍ କୁ କେନ୍ଦ୍ରୀକରଣ କରି ବିଏଲଓ ଓ ପ୍ରାଥମିକ ସ୍ତରରେ ଥିବା ନିର୍ବାଚନ ଅଧିକାରୀ ମାନଙ୍କ ଅଧିକାର ହରଣ କରି ଭୋଟର ତାଲିକାରୁ ବିରୋଧୀ ରାଜନୈତିକ ଦଳର ଭୋଟର, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁ ସଂପ୍ରଦାୟର ୧୩ କୋଟି ଭୋଟର କାଟି ଦେଶଦ୍ରୋହ ଅପରାଧ କରିଛନ୍ତି ବୋଲି ଯୁବ ଛାତ୍ର ନେତୃତ୍ୱ ଅଭିଯୋଗ କରିବା ସହ ଅବିଳମ୍ବେ ଜ୍ଞାନେଶ କୁମାର ଙ୍କୁ ବରଖାସ୍ତ କରିବାକୁ ଦାବି କରିଥିଲେ । ଓଡିଶାର ପ୍ରଗତିଶୀଳ, ବୈଜ୍ଞାନିକ ଓ ସାର୍ବଜନୀନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ଆଭିମୁଖ୍ୟ ସହ ଶିକ୍ଷାର ସାଂପ୍ରଦାୟିକରଣ ଓ ଇତିହାସର ବିକୃତକରଣ କରିବା ପାଇଁ ଷଡଯନ୍ତ୍ର କରି ତ୍ରୁଟିପୂର୍ଣ୍ଣ ଭାବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକ ଛାପି ଓଡିଶାର ଲକ୍ଷ ଲକ୍ଷ ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ସହ ଖେଳ ଖେଳିଥିବା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସହ ଏହି ବହି ଛାପିବା ଘଟଣାରେ ଜଡିତ ସମସ୍ତ ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏହି ଗଣସଂଗଠନ ଗୁଡିକ ଦାବିକରିଥିଲେ । ଏହି ଦାବି ଗୁଡିକ ପୂରଣ ନହେଲେ ଆସନ୍ତା ଅକ୍ଟୋବର ୮ ତାରିଖରେ ଓଡଶା ବଂଦରେ ସାମିଲ ହେବେ ବୋଲି ଏସ୍‌ଏଫ୍‌ଆଇ, ଡିୱାଇଏଫ୍‌ଆଇ ଓ ନବନିର୍ମାଣ ଯୁବ ଛାତ୍ର ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଥିଲା । ସକାଳ ୬ ଘଟିକା ଠାରୁ ରାସ୍ତାରୋକ ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ସକାଳ ୧୦ ଟା ରେ ଭଦ୍ରକ ଟାଉନଥାନା ପୋଲିସ୍ ଆନ୍ଦୋଳନକାରୀ ମାନଙ୍କୁ ଗିରଫ କରିବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା । ଏହି ବଂଦ ଆନ୍ଦୋଳନରେ ଡିୱାଇଏଫ୍‌ଆଇ ର ଭଦ୍ରକ ଜିଲ୍ଲା ଆବାହକ ଆଇନଜୀବୀ ବିକାଶ ନାଥ, ଡିୱାଇଏଫ୍‌ଆଇ ର ଅନ୍ୟତମ ସଂଗଠକ ବିନୋଦ ସାହୁ, ନବନିର୍ମାଣ ଯୁବ- ଛାତ୍ର ଜିଲ୍ଲା ସଭାପତି ଜାହିର ଖାନ୍, ନବନିର୍ମାଣ ଯୁବ- ଛାତ୍ର ସଂଗଠନର ଜିଲ୍ଲା ପ୍ରବକ୍ତା ସବିର ଖାନ୍, ଯୁବନେତ୍ରୀ ପରମିନ ଖାତୁନ,ଛାତ୍ର ନେତ୍ରୀ ଅର୍ଚ୍ଚନା ସାହୁ, ଯୁବନେତା ଗୁଲମ ମୁର୍ତୁଜା, ଯୁବନେତା ଜାନ୍ ଖାନ୍, ଯୁବନେତା ଭୁଟ୍ଟୁ ଖାନ୍ ପ୍ରମୁଖ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଉଦ୍‌ଯାପିତ

ଜୟପୁର,୨/୧୦(ନି/ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ୨ ଦିନ ଧରି ଆୟୋଜିତ ହୋଇଥିବା ବିଶ୍ୱବିଦ୍ୟାଳୟସ୍ତରୀୟ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା-୨୦୨୬ ବୁଧବାର ଉଦ୍ୟାପିତ ହୋଇଯାଇଛି । ଏହି ୨ ଦିନିଆ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଅନୁବନ୍ଧିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିଜର ନୂତନ ଚିନ୍ତାଧାରା, ପ୍ରକଳ୍ପ ଓ ଷ୍ଟାର୍ଟଅପ୍ ଧାରଣା ଉପସ୍ଥାପନ କରିଥିଲେ । ଏଥିରୁ ୭ ଜଣ ପ୍ରତିଯୋଗୀ ଓ ଦଳଙ୍କୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଛି । ଉଦ୍ୟାପନୀ ସମାରୋହରେ କୁଳପତି ପ୍ରଫେସର ହୃଷୀକେଶ ସେନାପତି, କୁଳସଚିବ ମହେଶ୍ୱର ଚନ୍ଦ୍ର ନାଏକ, ପିଜି କାଉନସିଲ୍ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାତ୍ର, ମୂଲ୍ୟାୟନ ପ୍ୟାନେଲ୍ ସଦସ୍ୟ ବିଷ୍ଣୁ ପ୍ରସାଦ ପାତ୍ର, ଉଦ୍ୟୋଗୀ ମନୋସିଷ ପଣ୍ଡା, ବରିଷ୍ଠ ଅଧ୍ୟାପକ ଡ. ବ୍ରଜବନ୍ଧୁ ନନ୍ଦ ଓ ସିଙ୍ଗଲ୍ ପଏଂଟ କଂଟ୍ରାକ୍ଟ ଅଫିସର ଡ. ଅରୁଣ କୁମାର ରାଜ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ୧୩ଟି ଅନୁବନ୍ଧିତ ମହାବିଦ୍ୟାଳୟରୁ ପ୍ରାୟ ୮୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ମୂଲ୍ୟାୟନ ପ୍ୟାନେଲ୍ ସମ୍ମୁଖରେ ସେମାନେ ନିଜର ନବସୃଜନମୂଳକ ପ୍ରକଳ୍ପ ଓ ଉଦ୍ୟୋଗୀୟ ଧାରଣା ଉପସ୍ଥାପନ କରିଥିଲେ । ଏହି ୨ ଦିନିଆ ପ୍ରତିଯୋଗିତାର ମୂଲ୍ୟାୟନ ପରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଶୁଭଲକ୍ଷ୍ମୀ ମଙ୍ଗରାଜ, କୋରାପୁଟ ଡିଏଭି କଲେଜ୍ ଅଫ୍ ଟିଚର୍ ଏଜୁକେସନ୍ର ସ୍ମୃତିରେଖା ପଟ୍ଟନାୟକ ଓ ଦଳ, ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସିଦ୍ଧାର୍ଥ ଶଙ୍କର ଜେନା, ତେନ୍ତୁଳିଖୁଂଟି ସରକାରୀ ଡିଗ୍ରି କଲେଜର ପୁନମ ମିଶ୍ର ଓ ଶିଖା ଗୌଡ଼, ନାରାୟଣପାଟଣା ସରକାରୀ ଡିଗ୍ରି କଲେଜର ଯଶୋଦା ମହାନନ୍ଦିଆ, ବନ୍ଧୁଗାଁ ସରକାରୀ ଡିଗ୍ରି କଲେଜର ଲକ୍ଷ୍ମୀ କାଡ୍ରାକା ଏବଂ ମାଲକାନଗିରି ମଡେଲ୍ ଡିଗ୍ରି କଲେଜର ଶୀତଲ ପଟ୍ଟନାୟକ ମନୋନୀତ ହୋଇଛନ୍ତି । ମନୋନୀତ ପ୍ରତିଯୋଗୀ ଓ ଦଳଗୁଡ଼ିକ ଆସନ୍ତା ନଭେମ୍ବର ୧୬ରୁ ଡିସେମ୍ବର ୧୫ ମଧ୍ୟରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ନବସୃଜନ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଉଦଯାପନୀ ସମାରୋହରେ ମନୋନୀତ ପ୍ରତିଯୋଗୀ ଓ ଦଳଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ବିଜେତାଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ବ୍ୟାଙ୍କ ଖାତାକୁ ପ୍ରଦାନ କରାଯିବ । ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ, ଉଦ୍ୟମିତା ଓ ଷ୍ଟାର୍ଟଅପ୍ ପ୍ରତି ଆଗ୍ରହ ବଢ଼ାଇବା ସହ ଏହା ମାଧ୍ୟମରେ ଛାତ୍ରଛାତ୍ରୀ ନିଜର ନୂତନ ଧାରଣାକୁ ମଂଚରେ ପ୍ରଦର୍ଶନ କରିବା ସହ ଉଦ୍ୟୋଗୀୟ ଚିନ୍ତାଧାରା ଓ ପ୍ରକଳ୍ପ ବିକାଶ ସମ୍ପର୍କରେ ଏହି କାର୍ଯ୍ୟକ୍ରମରେ ଅଭିଜ୍ଞତା ହାସଲ କରିଥିଲେ । ବାଣିଜ୍ୟ ବିଭାଗର ସହକାରୀ ପ୍ରାଧ୍ୟାପକ ତଥା ପ୍ରତିଯୋଗିତାର ସଂଯୋଜକ ସଚିନ କୁମାର ନାଏକଙ୍କ ସମନ୍ୱୟରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

## ବଲାଙ୍ଗିର ଜିଲ୍ଲା ଯୁବ କୁଲତା ସମାଜର ମହତ୍ ପ୍ରୟାସ

ବଲାଙ୍ଗିର,୨/୧୦(ନି/ପ୍ର): ହର୍ଡାଟାଲ ଗ୍ରାମର ଗୁରୁବାରୀ ଭୋଇ ଗୁରୁତର ଅସୁସ୍ଥ ହୋଇ ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ଡାକ୍ତର ତାଙ୍କୁ ତୁରନ୍ତ ଜରୁରୀକାଳିନ ଭାବେ ରକ୍ତ ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ । ଏହି ଖବର ପାଇବା ପରେ ଗୁରୁବାରୀଙ୍କ ପୁଅ ପ୍ରକାଶ ଭୋଇ ସହାୟତା ପାଇଁ ବଲାଙ୍ଗିର ସହାୟତା ପାଇଁ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜର ସଭାପତି ତଥା ସମାଜସେବୀ ଅସୀମ କୁମାର ଭୋଇଙ୍କ ସହ ଯୋଗାଯୋଗ କରି ରକ୍ତ ପାଇଁ ଅନୁରୋଧ କରିଥିଲେ । ଅସୀମ ଭୋଇଙ୍କ ନିବେଦନ କ୍ରମେ ଯୁବ କୁଲୁତା ସମାଜ ସଦସ୍ୟ ମହିମୁଣ୍ଡା ଗ୍ରାମର ଯୁବକ ଜଗନ୍ନାଥ ବିଶ୍ୱାଳ ବିନା ଦ୍ୱିଧାରେ ୧୫ କିଲୋମିଟର ଦୂରରୁ ତୁରନ୍ତ ଆସି 'ଓ' ପଜିଟିଭ୍ ରକ୍ତଦାନ କରିଥିଲେ ।

# ପାରିବାରିକ କଳହରୁ ବାପାର ବେକ କାଟିଲା ପୁଅ



ଗୁଡାରି,୨/୧୦(ନି/ପ୍ର): ରାୟଗଡାଜିଲ୍ଲା ଗୁଡାରି ବ୍ଲକ ପେଣ୍ଡିଲି ଗ୍ରାମ ପଚାଂୟତ ଅନ୍ତର୍ଗତ ଡି. ପେଣ୍ଡିଲି ଗ୍ରାମରେ ଏକ ଚାଚଂଲ୍ୟକର ତଥା ଅଭାବନୀୟ ଘଟଣା ଘଟିଯାଇଛି । କୌଣସି କାରଣକୁ ନେଇ ସୃଷ୍ଟି ହୋଇଥିବା ପାରିବାରିକ କଳହରୁ ଜଣେ ପୁଅ ନିଜ ଜନ୍ମକଲା ବାପାର ବେକକୁ ବ୍ଲେଡ୍ ସାହାଯ୍ୟରେ କାଟି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି । ଏହି ଘଟଣା ସ୍ଥାନୀୟ ଅଚଂଳରେ ତୀବ୍ର ଆଲୋଡନ ସୃଷ୍ଟି କରିଛି । ସୂଚନା ଅନୁଯାୟୀ, ଗତକାଲି ବିଳମ୍ବିତ ରାତ୍ରି ପ୍ରାୟ ୨.୩୦ ସମୟରେ ବାପା ଘରେ ଶୋଇଥିବାବେଳେ ପୁଅ ହଠାତ୍ ଏକ ବ୍ଲେଡ୍ ସାହାଯ୍ୟରେ ତାଙ୍କ ବେକକୁ କାଟି ଦେଇଥିଲା । ସକାଳୁ ୬.୩୦ସମୟରେ ଗ୍ରାମବାସୀ ଏହି ସମ୍ପର୍କରେ ଜାଣିବାକୁ ପାଇଥିଲେ । ଏହାପରେ ଆହତ ବ୍ୟକ୍ତିଙ୍କ ଜ୍ୱାଇଁ ଲବ ପାଲାକା ଏବଂ ତାଙ୍କ ପତ୍ନୀ ଗୁରୁତର ଅବସ୍ଥାରେ ଏକ ଆମ୍ବୁଲାନ୍ସ ଯୋଗେ ଗୁଡାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ଏ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଗୁଡାରି ଥାନା ଅଧିକାରୀ ବିଶ୍ୱବନ୍ଧିନି ବାଗ ତୁରନ୍ତ ଡାକ୍ତରଖାନାରେ ପହଚିଂ ଥିଲେ । ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଆହତଙ୍କ ଗଳାରେ ୭ଟି ସିଲେଇ କରାଯିବା ପରେ ରକ୍ତସ୍ରାବ ବନ୍ଦ ହୋଇଥିଲା । ତେବେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଏବଂ ସ୍ଥାନୀୟ ମେଡିକାଲରେ ଆନୁଷଙ୍ଗିକ ସୁବିଧା ନଥିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ଅପରପକ୍ଷରେ, ଘଟଣାର ଖବର ପାଇ ଗୁଡାରି ଥାନା ଏସଆଇ ଶ୍ୟାମସୁନ୍ଦର ସଦଳବଳେ ଘଟଣାସ୍ଥଳରେ ପହଚିଂ ତଦନ୍ତ ଆରମ୍ଭ କରିଛନ୍ତି । ପୁଲିସ ଅଭିଯୁକ୍ତ ପୁଅକୁ କାବୁ କରିଥାନାରେ ଅଟକ ରଖି ପଚରାଉଚରା କରୁଛି । ଏ ସମ୍ପର୍କରେ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ ଗୁଣୁପୁର କୋର୍ଟଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀମତୀ ବାଗ ସୂଚନା ଦେଇଛନ୍ତି । ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଆହତଙ୍କ ଗଳାରେ ୭ଟି ସିଲେଇ କରାଯିବା ପରେ ରକ୍ତସ୍ରାବ ବନ୍ଦ ହୋଇଥିଲା ।

# ବିବିଧା



## 'ରସଗୋଲା କାହାର'

ମହାଲକ୍ଷ୍ମୀ ଓ ଜଗନ୍ନାଥଙ୍କ କଳିକୁ ତୁଟାଇଥିଲା ରସଗୋଲା । କିନ୍ତୁ ଦୁଇ ପରିବାରର କଳିକୁ କେଉଁ ରସଗୋଲା ତୁଟାଇବ । ଓଡ଼ିଆ ନା ବେଙ୍ଗଲି ରସଗୋଲା? ଏମିତି କିଛି କାହାଣୀକୁ ନେଇ ଆଧାରିତ ନୂଆ ଟେଲି ସିନେମା 'ରସଗୋଲା କାହାର ।' ମିଠା ଝଗଡ଼ାରୁ ଆରମ୍ଭ ଗୋଟିଏ ସୁନ୍ଦର ପ୍ରେମ କାହାଣୀକୁ ଏଥିରେ ଦର୍ଶକେ ଦେଖିବାକୁ ପାଇବେ । ପବିତ୍ର ବାହୁଡ଼ାରେ ତରଙ୍ଗ ଚ୍ୟାନେଲରେ ଏଇ ୧୪ ତାରିଖ ସନ୍ଧ୍ୟା ୬ଟା ୩୦ରେ ଟେଲିଭିଜନ ପ୍ରିମିୟର୍ ହେବ 'ରସଗୋଲା କାହାର ।' ରାଜେନ୍ଦ୍ର ମହାନ୍ତଙ୍କ ନିର୍ଦ୍ଦେଶିତ ଏବଂ ସମର ପ୍ରତାପ ନାୟକଙ୍କ ପ୍ରଯୋଜିତ ଏହି ସିନେମାର କାହାଣୀ ଲେଖିଛନ୍ତି ଅନୁପମ ପଟ୍ଟନାୟକ । ସିନେମାର ସଂଳାପ ରଚନା କରିଛନ୍ତି ପ୍ରଣବ ପ୍ରସନ୍ନ ରଥ । ସାୟଲ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ ।



## ଦେବସୂର୍ଯ୍ୟଙ୍କ ନୂଆ ଆଶା

ବାଲେଶ୍ୱରର ଯୁବ କଳାକାର ଦେବସୂର୍ଯ୍ୟ 'ସୀତା' ଫିଲ୍ମ ମାଧ୍ୟମରେ ପ୍ରଥମ ଥର ପାଇଁ ରୁପେଲି ପରଦାରେ ନଜର ଆସିଛନ୍ତି । ଅଭିନୟ ପ୍ରତି ଆଗ୍ରହ ରଖୁଥିବା ଦେବସୂର୍ଯ୍ୟ ଏହି ସିନେମାରେ ସହକାରୀ-ନିର୍ଦ୍ଦେଶକ ଭାବେ ପ୍ରଥମ ଥର ଦାୟିତ୍ୱ ବି ତୁଲାଇଛନ୍ତି । ସିନେମାରେ 'ସୀତା' ଚରିତ୍ରରେ ଅଭିନୟ କରିଛନ୍ତି ଦେବଯାନୀ । ଚାଷୀଙ୍କ ଅଧିକାର ପାଇଁ ସୀତା ସଂଘର୍ଷ କରୁଥିବା ଏହି ଫିଲ୍ମରେ ଦେଖିବାକୁ ମିଳିଛି । ତା'ର ଏହି ଲଢ଼େଇ ଓ ସଂଘର୍ଷରେ ସାଥ୍ ଦେଉଛନ୍ତି ଚାରିଜଣ ସାଙ୍ଗ । ଏହି ଚାରି ସାଙ୍ଗ ମଧ୍ୟରେ ଦେବସୂର୍ଯ୍ୟ ଅଛନ୍ତି । ଅବସରପ୍ରାପ୍ତ ଆର୍ମି ନରେନ୍ଦ୍ର କୁମାର ଓ ମିଶ୍ମୟୀଙ୍କ ପୁଅ ହେଲେ ଦେବସୂର୍ଯ୍ୟ । ସାମାଜିକ ଗଣମାଧ୍ୟମରେ ସେ ଜଣେ ଚର୍ଚ୍ଚିତ ଚେହେରା । ଅଭିନୟ ଓ ନୃତ୍ୟ ପାଇଁ ଦେବସୂର୍ଯ୍ୟ ବେଶ୍ ପରିଚିତ । ସେ ଅନେକ ଥିଏଟର୍‌ରେ ମଧ୍ୟ କରିଛନ୍ତି । ଏହି ଚଳଚ୍ଚିତ୍ର ତାଙ୍କ ଅଭିନୟ ଜୀବନ ପାଇଁ ନୂଆ ଆଶା ସୃଷ୍ଟି କରିଛି । ଆଗକୁ ଅଲଗା ଅଲଗା ଚରିତ୍ରରେ ଅଭିନୟ କରିବାର ଇଚ୍ଛା ରଖିଛନ୍ତି ଦେବସୂର୍ଯ୍ୟ । ମଞ୍ଚରେ ଅଭିନୟ କରିବା ଏବଂ କ୍ୟାମେରା ସାମ୍ନାରେ ଅଭିନୟ କରିବାରେ ଫରକ୍ ଥିବା ସେ କହନ୍ତି । ଏହା ତାଙ୍କର ପ୍ରଥମ ଅଭିଜ୍ଞତା ହୋଇଥିବା ବେଳେ ଅନେକ ଭୁଲ୍ ପରେ ବି ଏଥିରେ ତାଙ୍କୁ ବହୁତ କିଛି ଶିଖିବାକୁ ମିଳିଛି । ଦେବସୂର୍ଯ୍ୟଙ୍କ ଅଭିନୟ ଦେଖି ତାଙ୍କ ସାଙ୍ଗମାନେ ଓ ପରିବାର ଲୋକ ବହୁତ ଖୁସି ଅଛନ୍ତି । ଏଇଠୁ ସେ ତାଙ୍କ କ୍ୟାରିୟର ଆରମ୍ଭ କରୁଥିବା ବେଳେ ଆଗକୁ ଅଧିକ ଭଲ ଅଭିନୟ କରିବା ପାଇଁ ପ୍ରୟାସ ଜାରି ରଖିବେ ବୋଲି ଦେବସୂର୍ଯ୍ୟ କହିଛନ୍ତି ।








## ସିନେମା ଗୀତରେ ଶାସ୍ତ୍ରୀୟତା



ସୂର୍ଯ୍ୟ ଦେଓ

ସଂଗୀତ ଅଭିସାର ନିରାଜନାର ଆଉ ଦୁଇଜଣ ସୂତ୍ରଧର ଭୁବନେଶ୍ୱର ମିଶ୍ର ଓ ହରିପ୍ରସାଦ ଚୌରାସିଆ । ଭୁବନ-ହରି । ଯୁଗଳଭାବେ ବନ୍ଧ କରିଥିବା ସେମାନଙ୍କ ସଙ୍ଗୀତର କୋଟୀ ଦେଖନ୍ତୁ: ବିରହର ଗୀତକୁ ସେମାନେ ଛନ୍ଦି ଦେଇ ପାରନ୍ତି 'କଳାବତୀ' ରାଗରେ, ଯେମିତି ସୁମନ୍ କଲ୍ୟାନ୍‌ପୁର ଗାଇଥିବା 'ଗପ ହେଲେ ବି ସତ' (୧୯୭୬) ସିନେମାରେ 'ସାଥୀରେ ଯା କହି' ଗୀତ । ଯାହାର ବାଦୀ ସ୍ୱର 'ପା', ସମ୍ବାଦୀ ସ୍ୱର 'ସା' । ଯାହାର ମେଳ ହେଉଛି 'ଖମାଜ୍' । ଜାତି 'ଔଡବ-ଔଡବ' । ଅପେକ୍ଷାର ବ୍ୟାକୁଳ ଅନୁଭବ ଅଛି ଏ ଗୀତରେ । ସ୍ୱଷ୍ଟ ଉଚ୍ଚାରଣ ଅଛି । ଭୁବନ-ହରିଙ୍କ ଗୀତରେ ଆଉ ଦୁଇଟି ପରୀକ୍ଷାନିରୀକ୍ଷାର ଉଦାହରଣ ନିଆଯାଉ । ଅନୁରାଗ (୧୯୮୦) ସିନେମାରେ 'ଯା ଯା ଯାରେ ଯା... ଫୁଲ ରସିଆ' ଏବଂ 'ଶୁଣ ମୋର ବନ୍ଧୁ' । ପ୍ରଥମଟି ରାଗ 'ହଂସଧ୍ୱନି'ର ଛାୟାରେ ଏବଂ ଦ୍ୱିତୀୟଟି 'ଖମାଜ୍'ର ଛାୟାରେ । ଶୁଦ୍ଧ ଶୃଙ୍ଗାର ରାଗ ହେଉଛି 'ହଂସଧ୍ୱନି' । ଅତଏବ ଭୂପିନ୍ଦର ଓ ଅନୁରାଧା ଗାଇଥିବା 'ଫୁଲ ରସିଆ'ରେ ଶୃ ଙ୍ଗା ର ର ପ୍ରୟୋଗରେ ଆପଣ ବିମୋହିତ ହେବେ ହିଁ ହେବେ । ସେମିତି 'ଖମାଜ' ଛାୟାରେ ରଚିଥିବା 'ଶୁଣ ମୋର ବନ୍ଧୁ' ଶୁଣି ଆପଣ ଉଦାସ ହୋଇପାରନ୍ତି । ଏହି ଗୀତରେ ଧାଡ଼ିଟିଏ ଅଛି 'ଶୋଇଛି ଏ ରାତି ଆଉ ଶୋଇଛି ତ ଆମର ସହର' ଆଉ ସଂଯୋଗ ଦେଖନ୍ତୁ ରାଗ 'ଖମାଜ'ର ଗାୟନ ସମୟ ହେଉଛି ରାତିର ଦ୍ୱିତୀୟ ପ୍ରହର । ଯାହା ଯାହା ଅଛି 'ଖମାଜ୍' ରାଗରେ, ସବୁ ଅଛି 'ଶୁଣ ମୋର ବନ୍ଧୁ' ଗୀତରେ । 'ଷାଡ଼ବ-ସମ୍ପୂର୍ଣ୍ଣ' ଜାତି ଅଛି, ଆରୋହରେ 'ରେ' ନାହିଁ, ଅବରୋହରେ 'ରେ' ଦୁର୍ବଳ । ବାଦୀ ହେଉଛି 'ଗା', ସମ୍ବାଦୀ ହେଉଛି 'ନି' । ଯେହେତୁ ଭୂପିନ୍ଦର ଗାଇଥିବା 'ଶୁଣ ମୋର ବନ୍ଧୁ'ରେ ଅଛି ଓଡ଼ିଶୀ ଶାସ୍ତ୍ରୀୟର ସୁବର୍ଣ୍ଣ ଛିଟା, ଏଣୁ ଏହି ଗୀତ ଓଡ଼ିଆଙ୍କ ମନରେ ଏପର୍ଯ୍ୟନ୍ତ ଛାପ ରହିଛି । ଆଗକୁ ମଧ୍ୟ ରଖିବ । ସେମିତି ଭୁବନେଶ୍ୱର ମିଶ୍ରଙ୍କ ଏକାକୀ ସଂଯୋଜନାର 'ଚୋରା ଚୋରୀ ଚାହାଣୀ ଏ ଭୁଲନା'କୁ ଯଦି ଆପଣ ଶୁଣିବେ ତେବେ 'କାଫି' ମେଳକୁ ପାଇବେ । 'ସମ୍ପୂର୍ଣ୍ଣ ସମ୍ପୂର୍ଣ୍ଣ' ଜାତିର ଏହି ରାଗ ସହ ଯେଉଁ ବିଶେଷ ତରାନା ଓ ଆଳାପନାର ଆୟୋଜନ ଭୁବନେଶ୍ୱର ମିଶ୍ର କରିଛନ୍ତି, ତାହା ହିଁ ବିଶେଷ ପରୀକ୍ଷାକୁ ସାମ୍ନାକୁ ଆଣୁଛି । 'କା' (୧୯୬୬) ସିନେମାର ଏହି ଗୀତରେ ରଘୁନାଥ ପାଣିଗ୍ରାହୀଙ୍କ ଗାୟକୀ, ପରମ୍ପରାର ନବୀକରଣକୁ ଧରିଛି । ସାଂସ୍କୃତିକ ମୌଳିକତା ସହ ସଞ୍ଚରିତ ଓ ପ୍ରତିଷ୍ଠିତ ହୋଇଛି ଯେଉଁ ଆଧୁନିକତା, ତାହା ହିଁ ବେଶି ବେଶି ଭଲ ଲାଗୁଛି । ଗୀତକୁ ବେଶି ବେଶି ଶୁଣିବାର ଇଚ୍ଛାଟିଏ ଜନ୍ମୁଛି ।



ଓଡ଼ିଆ ସିନେ ଗୀତରେ ଓଡ଼ିଶୀ ଶାସ୍ତ୍ରୀୟର ଛିଟାକୁ ସଞ୍ଚାରୀ ଦେବାର ଯେଉଁ ଗୀତି ସଞ୍ଚାର ଆରମ୍ଭ ହେଲା, ତା'ର ଏଇଟି ଗୋଟିଏ ଗୋଟିଏ ଉଦାହରଣ । ସାଂଗୀତିକ ଯୁକ୍ତିର ଆଧାରରେ ଯେଉଁ ପ୍ରୟୋଗ ହୋଇଛି, ତାହା ସଙ୍ଗୀତର ରସ ମାଧୁର୍ଯ୍ୟକୁ ଆହୁରି ମଧୁର କରିଛି । କିନ୍ତୁ ଏହି ପ୍ରୟୋଗରେ ଯଦି ବାକ୍-ବିଧିର ବିଧାନ ବଦଳିଯାଏ ତେବେ? 'ମମତା' (୧୯୭୫) ସିନେମାର 'ରେ ଆମ୍ରନ୍ ନିଦ୍ରା ପରିହରି, ଫେଡି ଚିନ୍ତାର ଲୋଚନ, କରକର ନିରୀକ୍ଷଣ ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି?' ଏହି ଗୀତକୁ ମନେପକାନ୍ତୁ । ଆମ୍ରନ୍, ନିଦ୍ରା, ନିଶବ୍ଦେ ପରି ଗଦ୍ୟ ଶବ୍ଦକୁ ସଙ୍ଗୀତରେ ଆଣିବାର ଦୁଃସାହସ ଆପଣଙ୍କୁ ଚକିତ କରିବ । ଆପଣ ଆହୁରି ବିସ୍ମିତ ହେବେ ଯେବେ ଜାଣିବେ ଯେ ପ୍ରଣବ ପଟ୍ଟନାୟକ ଗାଇଥିବା ଏହି ଗୀତ 'ରାଗ : ଭୈରବୀ'ରେ ବନ୍ଧା । ସଙ୍ଗୀତରେ ଏମିତି ଦୁଃସାହସ କରିପାରନ୍ତି ପ୍ରଫୁଲ୍ଲ କର । ରାଗ ଭୈରବୀ ଏତେ ମଧୁର ରାଗ ଯେ ତାକୁ କୁହାଯାଏ 'ରାଗରାଣୀ' । ସଙ୍ଗୀତ ଅବସରରେ ଏହି ରାଗକୁ ସବାଶେଷରେ ଗାୟନ କରାଯାଏ । ଏଇଥି ପାଇଁ ଶେଷରେ ଗାୟନ କରାଯାଏ, ଯେଣୁ ଏହି ରାଗର ମାଧୁର୍ଯ୍ୟରେ ମତ୍ତ ହେଲା ପରେ ଆଉ କିଛି ଶୁଣିବାର ଇଚ୍ଛା ହିଁ ହେବ ନାହିଁ । ଏହି ରାଗ ଅନ୍ୟ ରାଗର ପ୍ରଭାବକୁ ନିଷ୍ପ୍ରଭ କରିଦେଇପାରେ । 'ସମ୍ପୂର୍ଣ୍ଣ-ସମ୍ପୂର୍ଣ୍ଣ' ଜାତିର ଏହି ରାଗର ବାଦୀସ୍ୱର 'ମା' ସମ୍ବାଦୀ ସ୍ୱର 'ସା' । ମେଳ : ଭୈରବୀ । ଏହି ରାଗକୁ କବି ମଧୁସୂଦନ ରାଓଙ୍କ ରହସ୍ୟବାଦୀ ଦୃଷ୍ଟିକୋଣରେ ରୋପି ଦେବାର ଉଦ୍ୟମ କିଛି କମ୍ ସାହସ ଦରକାର କରେନାହିଁ । 'ରେ ଆମ୍ରନ୍' ଗୀତରେ ରାଗଟି ଏକ ସ୍ୱୟଂସମ୍ପୂର୍ଣ୍ଣ ପ୍ରତୀକ ହୋଇ ଉଭା ହୁଏ । ଏହି ଗୀତରେ 'ଭୈରବୀ'ର ପ୍ରୟୋଗ ଯୋଗୁଁ ପ୍ରଫୁଲ୍ଲ କର ଯେତିକି ମନେରହିବେ, 'ମମତା' ସିନେମାର 'ଦେଖି ସେ ବଣମଲ୍ଲୀ' ଗୀତରେ 'ଭୈରବୀ' ଓ 'ଧନ୍ୟାସୀ' ଆଳାପନାର ପରୀକ୍ଷାନିରୀକ୍ଷାରେ ବ୍ୟବହାର ପାଇଁ ସେତିକି ମନେ ରହିବେ । ସେଥିପାଇଁ ତ ଏହି ଗୀତ ତୋଫା ଜହ୍ନ ଆଲୁଅ ପରି ପରିଷ୍କାର [redacted]

## ଯନ୍ତ୍ରଣାରେ ଉର୍ବଶୀ



ବଲିଉଡ୍ ଅଭିନେତ୍ରୀ ଉର୍ବଶୀ ରୌତେଲା ଆଘାତପ୍ରାପ୍ତ ହୋଇଛନ୍ତି । ସେଥିପାଇଁ ସେ ଏବେ ହାଇଦ୍ରାବାଦର ଏକ ହସ୍‌ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ହାଇଦ୍ରାବାଦ୍‌ରେ ସେ ସାଉଥ୍ ଫିଲ୍ମ 'ଏନ୍‌ବିକେ ୧୦୯'ର ସୁଟିଂ କରୁଥିଲେ । ଏହାର ଆକ୍ସନ ଦୃଶ୍ୟ ସୁଟିଂ କରିବା ସମୟରେ ସେ ଗୁରୁତର ଆଘାତ ହୋଇଛନ୍ତି । ଏଥିପାଇଁ ଏବେ ସେ ଖୁବ୍ ଯନ୍ତ୍ରଣାରେ ଅଛନ୍ତି । ଅନ୍ୟପଟେ ଏହି ସିନେମାର ସୁଟିଂ ୨୦୦୩ରେ ଆରମ୍ଭ ହୋଇଥିଲା । ଉର୍ବଶୀଙ୍କ ବ୍ୟତୀତ ବବି ଦେଓଲ, ପ୍ରକାଶ ରାଜ ମଧ୍ୟ ଏହି ଫିଲ୍ମରେ ଅଭିନୟ କରୁଛନ୍ତି ।

## ପ୍ରକୃତି କୋଳରେ ଦୀପିକା



ଗର୍ଭାବସ୍ଥା ସମୟ ଦେଇ ଗତି କରୁଛନ୍ତି ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଦୀପିକା ପାଦୁକୋନ୍ । ଏବେ ସେ ନିଜର ଯତ୍ନ ନେଉଥିବା ବେଳେ ପ୍ରକୃତି କୋଳରେ ସୁନ୍ଦର ସମୟ ଅତିବାହିତ କରୁଛନ୍ତି । ଏହାରି ଭିତରେ ସେ ଏକ ସୁନ୍ଦର ପ୍ରାକୃତିକ ଦୃଶ୍ୟର ଫଟୋ ସେୟାର୍ କରି ଲୋକଙ୍କୁ ପ୍ରକୃତି ମଧ୍ୟରେ ରହିବାକୁ ପ୍ରୋତ୍ସାହିତ ବି କରିଛନ୍ତି । କେବଳ ସେତିକି ନୁହେଁ, ସେ ଧୂମପାନ କରୁଥିବା ଲୋକଙ୍କୁ ବି ଚେତାବନୀ ପ୍ରଦାନ କରିଛନ୍ତି । ସେ ଯେଉଁ ଫଟୋ ସେୟାର୍ କରିଛନ୍ତି, ସେଥିରେ ବାଦଲ, ଫୁଲ ଓ ସବୁଜ ପରିବେଶର ସୁନ୍ଦର ଦୃଶ୍ୟ ପ୍ରତିଫଳିତ ହୋଇଛି । ସେ ଫଟୋର ଶୀର୍ଷକରେ ଲେଖିଛନ୍ତି, 'ଏ ମାସ ହେଉଛି ସେଲଫ୍ କେୟାର୍‌ର । ଯଦି ସମସ୍ତେ ସେଲଫ୍ କେୟାର୍ ପାଇଁ ଛୋଟ ଛୋଟ ପ୍ରୟାସ କରନ୍ତେ, ତେବେ ସେଲଫ୍ କେୟାର୍ ନାଁରେ ଗୋଟିଏ ମାସ କାହିଁକି ପାଳିବା ।' ଏହାବାଦ୍ ସେ ଆହୁରି କହିଛନ୍ତି, ତାଙ୍କୁ ଯେବେ ବି ସମୟ ମିଳେ, ସେ ପ୍ରକୃତି କୋଳରେ ସମୟ ଅତିବାହିତ କରିବାକୁ ପଛାଇ ନ ଥାନ୍ତି । ପ୍ରାକୃତିକ ପରିବେଶ ତାଙ୍କ ପାଇଁ କୌଣସି ଉପଚାରଠୁ କମ୍ ନ ଥିବା ସେ କହନ୍ତି ।




[redacted]

## ହିନ୍ଦୀ ସର୍‌ଫିରା

ନିର୍ଦ୍ଦେଶନା: ସୁଧା କୋଙ୍ଗାରା

ପ୍ରଯୋଜନା:
ବିକ୍ରମ ମଲହୋତ୍ରା, ସୂରିୟା ଶିବକୁମାର, ଜ୍ୟୋତିକା, ଅରୁଣ ଭାଟିୟା

କଳାକାର
ଅକ୍ଷୟ କୁମାର, ରାଧିକା ମଦାନ, ପରେଶ ରାୱଲ

ଉତ୍କଳ ସମାଚାର

## ସମ୍ପାଦକୀୟ...

**ଶନିବାର ୩ ଅକ୍ଟୋବର ୨୦୨୬**

# ରକ୍ତମୁଖା ଅପରାଧୀଙ୍କ ଉଡିଗଲାଣି ନିଦ

ଓଡିଶାର ସାମ୍ପ୍ରତିକ ଆଇନ ଶୃଙ୍ଖଳା ପରିସ୍ଥିତିରେ ଏକ ବଡ ଧରଣର ପରିବର୍ତନ ଦେଖିବାକୁ ମିଳିଛି ଏବଂ ରାଜ୍ୟରେ ଅପରାଧ ତଥା ଅପରାଧୀଙ୍କ ସାମାଜ୍ର୍ୟକୁ ରୂପେ ଭୁଶୁଡାଇ ଦେବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ଯାହାଫଳରେ ଗ୍ୟାଙ୍ଗଷ୍ଟର, ଦାଦାବଟି ଆଦାୟକାରୀ ଓ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ମନରେ ପ୍ରବଳ ଆତଙ୍କ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ବିଭିନ୍ନ ପ୍ରମୁଖ ସହର ଯେପରିକି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର, ବାଲେଶ୍ୱର ଏବଂ ରାଉରକେଲା ଭଳି ଅଂଚଳରେ ସଙ୍ଗଠିତ ଅପରାଧ, ମାରାତ୍ମକ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ, ଜମି ମାଫିଆ, ନିଶା କାରବାର ଏବଂ ସୁପାରୀ କିଲିଂ ଭଳି ମାମଲା ବୃଦ୍ଧି ପାଇବା ଯୋଗୁଁ ସାଧାରଣ ନାଗରିକଙ୍କ ସୁରକ୍ଷା ବିପନ୍ନ ହୋଇପଡିଥିଲା, ଯାହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ସରକାର ଓ ପୋଲିସ ବାହିନୀ 'ଶୂନ୍ୟ ସହନଶୀଳତା' ବା ଜିରୋ ଟଲରେନ୍ସ ନୀତି ଆପଣେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ଏବଂ କ୍ରାଇମବ୍ରାଂଚର ଉଚ୍ଚ ପଦାଧିକାରୀମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବିଭିନ୍ନ ଜିଲ୍ଲାରେ ସ୍ୱେଶାଲ ସ୍କ୍ୱାର୍ଡ୍ ଓ ଏସଟିଏଫ (ଝଞ୍ଜର)ର ମିଳିତ ଅଭିଯାନ ଆରମ୍ଭ କରାଯାଇଛି, ଯାହାର ମୂଳ ଲକ୍ଷ୍ୟ ହେଉଛି ଅପରାଧ ମୁକ୍ତ ଓଡିଶା ଗଠନ କରିବା ଏବଂ ସମାଜବିରୋଧୀ ତତ୍ୱଙ୍କ ମୂଳୋତ୍ପାଟନ କରିବା। ଏହି କ୍ରମରେ ପୋଲିସ ବାହିନୀ ଦ୍ୱାରା ଦୁର୍ଦ୍ଧାନ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ କରାଯାଇ ସେମାନଙ୍କୁ ଲୁଚିବା ସ୍ଥାନ ଉପରେ ଚଢାଉ କରାଯାଉଛି ଏବଂ ଯେତେବେଳେ ଏହି ଅପରାଧୀମାନେ ନିଜକୁ ଆଇନ ହାତରୁ ବଂଚାଇବା ପାଇଁ ପୋଲିସ ଉପରକୁ ଗୁଳିଚାଳନା କରୁଛନ୍ତି କିମ୍ବା ବୋମାମାଡ କରି ଖସିଯିବାକୁ ଚେଷ୍ଟା କରୁଛନ୍ତି, ସେତେବେଳେ ପୋଲିସ ନିଜର ଆତ୍ମରକ୍ଷା ଓ ଜନସାଧାରଣଙ୍କ ଜୀବନର ସୁରକ୍ଷା ପାଇଁ ଜବାବୀ ଗୁଳିଚାଳନା ବା ଏନକାଉଟଂର (ରଭମକ୍ଟଙ୍କଭତ୍ସରକ୍ସ) କରିବାକୁ ବାଧ୍ୟ ହେଉଛି। ଓଡିଶାରେ ଏହି ପୋଲିସ ଏନକାଉଂଟର ପ୍ରକ୍ରିୟାକୁ ସାଧାରଣ ଭାଷାରେ 'ଲଙ୍ଗଡା ଅପରେସନ' (ଖକ୍ଟଭଶକ୍ସବ ଡକ୍ଟରକ୍ସବଝସକ୍ଟଭ) ବୋଲି କୁହାଯାଉଛି, କାରଣ ଏହି ଗୁଳିବିନିୟମ ସମୟରେ ଅପରାଧୀମାନଙ୍କ ଗୋଡରେ ଗୁଳି ବାଜୁଛି, ଯାହାଫଳରେ ସେମାନେ ଶାରୀରିକ ଭାବେ ଅକ୍ଷମ ହୋଇ ମେଡିକାଲକୁ ଯାଉଛନ୍ତି ଏବଂ ପରବର୍ତୀ ସମୟରେ ଜେଲର ଅନ୍ଧକାର ପ୍ରକୋଷ୍ଠକୁ ନିକ୍ଷେପ ହଉଛନ୍ତି। ଏହି କଠୋର ପଦକ୍ଷେପ ଯୋଗୁଁ ଅପରାଧୀ ଜଗତର କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ରୂପେ ସ୍ତବ୍ଧ ହୋଇଯାଇଛି, ଯେଉଁମାନେ ପୂର୍ବରୁ ରାଜରାସ୍ତାରେ ଖୁଲମଖୁଲା ବୁଲୁଥିଲେ ଏବଂ ବନ୍ଧୁକ ମୁନରେ ବ୍ୟବସାୟୀଙ୍କୁ ଧମକ ଦେଇ କୋଟି କୋଟି ଟଙ୍କାର ଦାଦାବଟି ବା କାଲିଆ ସୁପାରୀ ଆଦାୟ କରୁଥିଲେ, ସେମାନଙ୍କ ଛାତିରେ ଏବେ ମୃତ୍ୟୁର ଆତଙ୍କ ଖେଳିଯାଇଛି। ପୋଲିସର ଏହି ରୁଦ୍ର ରୂପ ଦେଖିବା ପରେ ରାଜ୍ୟର ଶତାଧିକ ଛୋଟବଡ କ୍ରିମିନାଲ ଏବେ ନିଜର ଜୀବନ ବଂଚାଇବା ପାଇଁ ହାତଟେକି ଥାନାରେ ଆତ୍ମସମର୍ପଣ କରୁଛନ୍ତି କିମ୍ବା ଓଡିଶାର ସୀମା ପାର ହୋଇ ପଡୋଶୀ ରାଜ୍ୟ ଯେପରିକି ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡକୁ ପଳାୟନ କରୁଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ, ବିଲ୍ଡର ଏବଂ ଶିଳ୍ପପତିମାନେ, ଯେଉଁମାନେ ଦୀର୍ଘ ଦିନ ଧରି ଏହି ଅପରାଧୀମାନଙ୍କର ମେସେଜ୍ ଏବଂ ଫୋନ୍ କଲକୁ ନେଇ ଭୟଭୀତ ଅବସ୍ଥାରେ ରହୁଥିଲେ ସେମାନେ ଏବେ ମୁକ୍ତ ଭାବେ ନିଜର ବ୍ୟାପାର ବାଣିଜ୍ୟ ପରିଚାଳନା କରିପାରୁଛନ୍ତି ଏବଂ ପୋଲିସର ଏହି ଦୃଢ ନିଷ୍ପତିକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି। ବିଶେଷ କରି ସହରାଂଚଳରେ ନୂଆ ନୂଆ ଗ୍ୟାଙ୍ଗ ଗଠନ କରୁଥିବା ଏବଂ ବାଇକରେ ବୁଲି ଚେନ୍ ଛଡାଇବା, ରାହାଜାନୀ କରିବା ଏବଂ ମାରପିଟ୍ କରି ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରୁଥିବା ଉଦ୍ଧତ ଯୁବ କ୍ରିମିନାଲମାନଙ୍କ ଅଂଟା ଭାଙ୍ଗିବାରେ ଏହି ଏନକାଉଟଂର ସବୁଠାରୁ ବଡ ହତିଆର ସାବ୍ୟସ୍ତ ହୋଇଛି, କାରଣ ସେମାନେ ବୁଝିଗଲେଣି ଯେ ଅପରାଧ ଦୁନିଆର ଶେଷ ପରିଣତି କେବଳ କାରାଗାର କିମ୍ବା ପୋଲିସର ଗୁଳି। ଏହା ସହିତ ପୋଲିସ ଏବେ ଅପରାଧୀମାନଙ୍କର କେବଳ ଶାରୀରିକ ଦମନ କରୁନାହିଁ, ବରଂ ସେମାନଙ୍କର ସାମ୍ରାଜ୍ୟର ଆର୍ଥିକ ମେରୁଦଣ୍ଡକୁ ଛାନ୍ନଭିନ୍ନ କରିବା ପାଇଁ ବେଆଇନ ଭାବେ ଅର୍ଜନ କରାଯାଇଥିବା ସମ୍ପତିକୁ ବାଜ୍ୟାପ୍ତ କରିବା ସହ ସେମାନଙ୍କ ବେଆଇନ ନିର୍ମାଣ ଉପରେ ବୁଲଡୋଜର ଚଳାଉଛି, ଯାହାଫଳରେ ଅପରାଧୀଙ୍କ ଆର୍ଥିକ ଉତ୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଉଛି। ରାଜ୍ୟରେ ଏଭଳି ଦ୍ରୁତ ପଦକ୍ଷେପ ଯୋଗୁଁ ମହିଳା, ସ୍କୁଲ କଲେଜ ଛାତ୍ରୀ ଏବଂ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଏକ ଅଭୂତପୂର୍ବ ସୁରକ୍ଷାର ଭାବନା ସୃଷ୍ଟି ହୋଇଛି, କାରଣ ସନ୍ଧ୍ୟା ହେଲେ ରାସ୍ତାଘାଟରେ ଯେଉଁ ଆଂଟିସୋସିଆଲମାନେ ଆଡ୍ଡା ଜମାଉଥିଲେ ଏବଂ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିଲେ, ସେମାନେ ଏବେ ପୋଲିସ ଗାଡିର ସାଇରେନ୍ ଶବ୍ଦ ଶୁଣିବା ମାତ୍ରେ ଛତ୍ରଭଙ୍ଗ ଦେଉଛନ୍ତି। ଯଦିଓ ଏହି ଏନକାଉଟଂର ପ୍ରକ୍ରିୟାକୁ ନେଇ କେତେକ ମାନବାଧିକ ସଂଗଠନ ଏବଂ ଆଇନଜ୍ଞ ଆପତି ଉଠାଇ କହିଛନ୍ତି ଯେ ଆଇନ ଏବଂ ସମ୍ବିଧାନର ପରିସର ମଧ୍ୟରେ ହିଁ ପ୍ରତ୍ୟେକ ଅପରାଙ୍କୁ ବିଚାରଳୟ ମାଧ୍ୟମରେ ଦଣ୍ଡ ଦିଆଯିବା ଉଚିତ ଏବଂ କୌଣସି ପରିସ୍ଥିତିରେ ବିଚାର ବିଭାଗୀୟ ପ୍ରକ୍ରିୟାକୁ ବାଇପାସ୍ କରାଯିବା କଥା ନୁହେଁ, ମାତ୍ର ସାଧାରଣ ଜନତାଙ୍କ ମତରେ ଯେତେବେଳେ କ୍ରିମିନାଲମାନେ କୌଣସି ନିୟମ କିମ୍ବା ମାନବିକତାକୁ ଖାତିର ନକରି ନିରୀହ ଲୋକଙ୍କ ଉପରକୁ ଗୁଳି ଚଳାନ୍ତି ଏବଂ ସାକ୍ଷୀମାନଙ୍କୁ ଧମକ ଦେଇ କୋର୍ଟରୁ ଖଲାସ ହୋଇଯାନ୍ତି, ସେତେବେଳେ ସମାଜରେ ଶାନ୍ତି ଓ ସନ୍ତୁଳନ ରକ୍ଷା କରିବା ପାଇଁ ପୋଲିସର ଏହି ତ୍ୱରିତ ପ୍ରହାର ଅତ୍ୟନ୍ତ ଅନିବାର୍ଯ୍ୟ ହୋଇପଡେ। ଓଡିଶାକୁ ଏକ ବିକଶିତ ଏବଂ ନିରାପଦ ନିବେଶ ସ୍ଥଳୀ ଭାବେ ଗଢିତୋଳିବା ପାଇଁ ରାଜ୍ୟରେ ସୁସ୍ଥ ପରିବେଶ ଏବଂ ସୁଦୃଢ ଆଇନ ଶୃଙ୍ଖଳା ସବୁଠାରୁ ବଡ ସର୍ତ, ଆଉ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ପୋଲିସ ବାହିନୀ ଆଗାମୀ ଦିନରେ ନିଜର ଏହି କଡା ଆଭିମୁଖ୍ୟକୁ ଆହୁରି ଜୋରଦାର କରିବ ବୋଲି ପ୍ରଶାସନ ପକ୍ଷରୁ ସ୍ୱଷ୍ଟ ସଙ୍କେତ ଦିଆଯାଇଛି, ଯାହା ଓଡିଶାର ଇତିହାସରେ ଅପରାଧ ଦମନ କ୍ଷେତ୍ରରେ ଏକ ଅତ୍ୟନ୍ତ ସ୍ମରଣୀୟ ଏବଂ ଶକ୍ତିଶାଳୀ ଅଧ୍ୟାୟ ଭାବେ ବିବେଚିତ ହେବ।

# ସତ କହୁଛି : ବାଣିଜ୍ୟେ ବସତେ ଲକ୍ଷ୍ମୀ

**ଶ୍ୟାମସୁନ୍ଦର ଅଗ୍ରୱାଲା**

ଭାରତୀୟମାନେ ପ୍ରତ୍ୟହ ଲକ୍ଷ୍ମୀଙ୍କୁ ପୂଜା ଅର୍ଚ୍ଚନା କରୁଛନ୍ତି କିନ୍ତୁ ବିଡ଼ମ୍ବନାର ବିଷୟ ଏହି ଯେ ସ୍ୱୟଂ ଲକ୍ଷ୍ମୀ ଠାକୁରାଣୀ ଭାରତରେ ନୁହେଁ ବରଂ ଚୀନ, ଜାପାନ ଓ ଆମେରିକାରେ ବସବାସ କରିବାକୁ ପସନ୍ଦ କରୁଛନ୍ତି। ଏହାର କାରଣ ହେଉଛି ଯେ ଭାରତୀୟମାନେ ଲକ୍ଷ୍ମୀଙ୍କୁ ଭୋଗରାଗ ଦେଇ ପୂଜା ତ କରୁଛନ୍ତି କିନ୍ତୁ ତାଙ୍କର ପସନ୍ଦ ଓ ନାପସନ୍ଦକୁ ହେୟ ଜ୍ଞାନ କରୁଛନ୍ତି। ଲକ୍ଷ୍ମୀଙ୍କର ପସନ୍ଦ ନାପସନ୍ଦ ନେଇ ଶାସ୍ତ୍ର କହୁଛି, "ବାଣିଜ୍ୟେ ବସତେ ଲକ୍ଷ୍ମୀ, ତଦର୍ଦ୍ଧ କୃଷିକର୍ମାଣି। ତଦର୍ଦ୍ଧ ରାଜସେବାୟାଂ, ଭିକ୍ଷାୟାଂ ନୈବ ନୈବ ଚା।'' ଅର୍ଥାତ୍ ବାଣିଜ୍ୟରେ ଲକ୍ଷ୍ମୀ ଅତ୍ୟନ୍ତ ଆଗ୍ରହର ସହିତ ବସବାସ କରୁଥିଲାବେଳେ, ତାହାର ଅର୍ଦ୍ଧେକ କୃଷି କର୍ମରେ ଏବଂ କୃଷିକର୍ମର ଅର୍ଦ୍ଧେକ ରାଜକାର୍ଯ୍ୟରେ ରହିଥାନ୍ତି କିନ୍ତୁ ଲକ୍ଷ୍ମୀଠାକୁରାଣୀ ଭିକ୍ଷାବୃତିକୁ ଘୃଣା କରିଥାନ୍ତି ଏବଂ ସେଠାରେ ରହିବାକୁ ଆଦୌ ଆଗ୍ରହ ପ୍ରକାଶ କରି ନଥାନ୍ତି। ଆମେ ଭାରତୀୟମାନେ ଏହି ଶ୍ଳୋକରେ ବର୍ଣ୍ଣିତ ଲକ୍ଷ୍ମୀଙ୍କର ପସନ୍ଦ ଓ ନାପସନ୍ଦକୁ ନିମ୍ନ ଭାଗରୁ ପାଳନ କରିଆସୁଛୁ। ଏହାର ପ୍ରମାଣ ହେଉଛି ଯେ ଭାରତବର୍ଷରେ ପଚାଶ ପ୍ରତିଶତରୁ ଅଧିକ ଭାଗ ଲୋକ ଭିକ୍ଷାବୃନ୍ତି ଅର୍ଥାତ୍ ମାଗଣା ବଂଟନରେ ଖୁସି ହେଉଥିଲାବେଳେ ମାତ୍ର ପାଂଚରୁ ଦଶ ପ୍ରତିଶତ ଶିଳ୍ପ ଓ ବାଣିଜ୍ୟରେ ରୁଚି ରଖିଥାନ୍ତି। ଭାରତୀୟମାନେ କୃଷି ଓ ବାଣିଜ୍ୟ ପ୍ରତି ବୀତସ୍ପୃହ ହୋଇଥିଲାବେଳେ ସରକାରୀ କିମ୍ବା ବେସରକାରୀ ଚାକିରି ପ୍ରତି ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥାନ୍ତି। ଏଇଥିପାଇଁ ଆଜି ଆମର ଏଭଳି ଅବସ୍ଥା ହୋଇଛି ଯେ ଆମେମାନେ ବିଦେଶକୁ ଯାଇ ସେମାନଙ୍କ ଶିଳ୍ପପତିମାନଙ୍କୁ ଆମ ରାଜ୍ୟକୁ ଆସି ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠା କରିବାକୁ ନିମନ୍ତ୍ରଣ କରୁଥିଲାବେଳେ ଆମେ ଏହା ଦ୍ୱାରା ଆମ ରାଜ୍ୟରେ ସହସ୍ରାଧିକ ଚାକିରି ସୃଷ୍ଟି ହେବ ବୋଲି କହି ଖୁସିରେ ଫାଟି ପଡୁଛୁ। ଆମେ ଟୋକିଓ, ସିଙ୍ଗାପୁର, ଦୁବାଇ କିମ୍ବା ଜର୍ମାନି ଯାଇ ସେଠିକାର ଶିଳ୍ପପତିମାନଙ୍କୁ ଆମ ଓଡ଼ିଶାକୁ ଆସି ଶିଳ୍ପ ଓ ବାଣିଜ୍ୟ କରିବାକୁ ନିମନ୍ତ୍ରଣ କରୁଛୁ। କାହିଁ ବିଦେଶରୁ ତ କୌଣସି ସରକାର କେବେ ଓଡ଼ିଶା ଆସି ଓଡ଼ିଶାର ଶିଳ୍ପପତି କି ବ୍ୟବସାୟୀମାନଙ୍କୁ ସେମାନଙ୍କ ଦେଶକୁ ଯାଇ ଶିଳ୍ପ ଓ ବାଣିଜ୍ୟ କରିବା ପାଇଁ ନିମନ୍ତ୍ରଣ କରୁନାହାନ୍ତି ? ଅସୁବିଧା କେଉଁଠି ରହୁଛି ? ଅସୁବିଧା ରହୁଛି ଆମର ଶିଳ୍ପ ଓ ବାଣିଜ୍ୟ ପ୍ରତି ନକାରାତ୍ମକ ଚିନ୍ତନରେ। ଆମେ ପିଲାଟି ଦିନୁ ଶିଳ୍ପ ଓ ବାଣିଜ୍ୟକୁ ଘୃଣା କରି ଆସିଛୁ ଏବଂ ଏମାନେ ଲାଭଖୋର ବ୍ୟବସାୟୀ ହୋଇ ଲୋକମାନଙ୍କର ତଟିଂ ଚିପି ରୋଜଗାର କରୁଛନ୍ତି ବୋଲି ଏକ ଧାରଣାର ବଶବର୍ନ୍ନୀ ହୋଇ ବଢ଼ି ଆସିଛୁ। ଏହାର ପ୍ରମାଣ ହେଉଛି ଯେ ଆମେ ଏଠି ବଡ଼ ବଡ଼ ସରକାରୀ ବାବୁମାନଙ୍କୁ ଦେଖିଲେ ଦୂରରୁ ମୁଣ୍ଡିଆ ମାରୁଛୁ ଅଥଚ ବେପାରୀଟିଏ ଯେତେ ବଡ଼ ହୋଇ ଥାଉନା କାହିଁକି ତାକୁ ଦେଖି ଦୂର ଦୂର ମାର ମାର କରୁଛୁ। ଆମର ସାହିତ୍ୟ ଓ ସଂସ୍କୃତି ମଧ୍ୟ ଲାଭକୁ ଏକ 'ମଇଳା' ଶବ୍ଦ ବୋଲି କହିଆସୁଛି ଏବଂ ଆମ ସରକାର ମଧ୍ୟ ଟିକିଏ ଟିକିଏ କଥାରେ ବ୍ୟବସାୟୀମାନଙ୍କୁ କାଠଗଡ଼ାରେ ଛିଡ଼ା କରେଇଦେବାକୁ ଭଲ ପାଉଛନ୍ତି। ରାଜ୍ୟର ଯେତେ ନିୟମ କାନୁନ ସବୁ ଏମାନଙ୍କ ଉପରେ ପ୍ରଥମେ ପ୍ରୟୋଗ କରାଯାଉଛି। ମ୍ୟୁନିସିପାଲଟି ହେଉ କି ବିଡିଏ ହେଉ, ବିଦ୍ୟୁତ୍ ହେଉ କି ଅଗ୍ନି ନିରାପତା, ରାଜ୍ୟର ଯେତେ ବିଭାଗ ଅଛନ୍ତି ସମସ୍ତେ ଏଇଠି ପ୍ରଥମେ ଚଢ଼ଉ କରିଥାନ୍ତି। ନିଆଁ ଲାଗିଲେ ଯଦି ଲୋକେ ମରିଯିବେ ତେବେ କ'ଣ ଖାଲି ଦୋକାନ ବଜାରରେ ମରିଯିବେ ? ନିଆଁ କ'ଣ ବାଛବିଚାର କରି ଲାଗୁଛି ନା ଦେଖି ଚାହିଁ କରି ମାରୁଛି ? ଯଦି ଅଗ୍ନି ନିରାପନ୍ତା ବ୍ୟବସ୍ଥା ନ ଥିବା ଯୋଗୁଁ ଗୋଟିଏ ଦୋକାନ ବନ୍ଦ ହୋଇଯିବ ତେବେ ଏହି ବ୍ୟବସ୍ଥା ନଥିବା ବଡ଼ ବଡ଼ ସରକାରୀ କାର୍ଯ୍ୟାଳୟ କାହିଁକି ବନ୍ଦ ନ ହେବ ? ଏଠିକି ଯାଉଥିବା ଲୋକମାନଙ୍କର କ'ଣ ଜୀବନର କୌଣସି ମୂଲ୍ୟ ନାହିଁ ନା ଏଠି ନିଆଁ ଲାଗିଲେ ଏଠିକି ଯାଉଥିବା ଲୋକେ କ୍ଷତିଗ୍ରସ୍ତ ହେବେ ନାହିଁ ? ଭାରତବର୍ଷ ଡିଜିଟାଲ ହେଲା। ବ୍ୟବସାୟୀମାନଙ୍କୁ ଏଥିରେ ଉତ୍ସାହିତ କରାଗଲା। ବ୍ୟବସାୟୀମାନେ ସହଯୋଗର ହାତ ବଢ଼େଇଲେ। ଧୀରେ ଧୀରେ କାଗଜ ନୋଟ ବନ୍ଦ ହେବାକୁ ଲାଗିଲା। ବିଦେଶୀ ଭିସା ଓ ମାଷ୍ଟରକାର୍ଡର ବ୍ୟବହାର କମି ଆସିଲା କିନ୍ତୁ ଶେଷକୁ ଏହି ବ୍ୟବସାୟୀମାନଙ୍କ ଉପରେ ଚଢ଼କ ପଡ଼ିଲା। ୟୁପିଆଇ ବ୍ୟବହାର ଉପରେ କମିସନ ବସାଗଲା। ସରକାରଙ୍କ ତରଫରୁ କୁହାଗଲା ଯେ ଏହି କମିସନ ଖାଉଟି ନୁହେଁ, କେବଳ ବ୍ୟବସାୟୀମାନେ ଦେବେ। କାହିଁକି ? ବ୍ୟବସାୟୀମାନେ କେଉଁଠୁ ଆଣିକି ଦେବେ ? ଶିଳ୍ପ ଓ ବାଣିଜ୍ୟ ଲାଭଜନକ ବୃତି ବୋଲି ଏହାର ସଫେଇରେ କୁହାଯାଉଛି କିନ୍ତୁ ଲାଭ ନହେଲେ ସଂସ୍ଥା ଚାଲିବ କେମିତି ? ସରକାରଙ୍କର ଜିଡିପି ବଢ଼ିବ କେମିତି ? ଦରମା ଆସିବ କେଉଁଠୁ, ଖର୍ଚ୍ଚ ହେବ କେଉଁଠୁ ? ବନ୍ଧୁଗଣ, ସାଧାରଣ ବ୍ୟବସାୟୀମାନଙ୍କର ଗୋଟେ ଜମା ଖର୍ଚ୍ଚ ବହିଥାଏ ଯାହାକୁ 'ରୋକର୍ଡ' ବହି ବୋଲି କୁହାଯାଇଥାଏ। ଏହି ବହିର ବାମ ପଟେ ବିଭିନ୍ନ ପ୍ରକାର ଆମଦାନିର ବିବରଣୀ ନେଳି ସ୍ୟାହିରେ ଲେଖାଯାଇଥାଏ ଏବଂ ଡାହାଣ ପଟେ ଖର୍ଚ୍ଚର ବିବରଣୀ ନାଲି ସ୍ୟାହିରେ ଲେଖାଯାଇଥାଏ। ଆମଦାନିଠାରୁ ଯଦି ଖର୍ଚ୍ଚ ଅଧିକ ହୋଇଥାଏ ତେବେ ବ୍ୟବସାୟ କ୍ଷତିଗ୍ରସ୍ତ ହୋଇ ବନ୍ଦ ହୋଇଯାଇଥାଏ। ବ୍ୟବସାୟ ଭଳି ଆମ ଦେଶର ମଧ୍ୟ ଗୋଟିଏ ଜମା ଖର୍ଚ୍ଚ ବହି ଅଛି ଯେଉଁଥିରେ ଜମା ପଟେ ଶିଳ୍ପ, ବାଣିଜ୍ୟ ଓ କୃଷି ଇତ୍ୟାଦି ରହିଥାଏ ଏବଂ ଖର୍ଚ୍ଚ ପଟେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସହିତ ହାକିମମାନଙ୍କର ବେତନ, ପେନସନ ଓ ଅନ୍ୟାନ୍ୟ ଖର୍ଚ୍ଚ ସବୁ ରହିଥାଏ। ଦୁଃଖର କଥା ଯେ ଆଜି ଆମର ଜମା ଅପେକ୍ଷା ଖର୍ଚ୍ଚକୁ ବେଶୀ ସ୍ୱୀକୃତି ମିଳୁଛି। ରାସ୍ତାକଡ଼ରେ ଡାଲିଚାଉଳ ଦୋକାନଟିଏ କରି ମାସକୁ ପଚାଶ ଷାଠିଏ ହଜାର ଟଙ୍କା ରୋଜଗାର କରୁଥିବା ଦୋକାନୀଟିଏକୁ ମାସକୁ ମାତ୍ର କୋଡ଼ିଏ ତିରିଶ ହଜାର ଟଙ୍କା ପାଉଥିବା ପିଅନଟିଏ ଆଗରେ ମୁଣ୍ଡ ନୁଆଁଇବାକୁ ପଡୁଛି। ଏଥିରେ ଦେଶ ଲକ୍ଷ୍ମୀଛଡ଼ା ହେବନି ତ ଆଉ କ'ଣ ହେବ ?

# ଗଛ ଲଗାଇବା କାହିଁକି ?

ବୃକ୍ଷରୋପଣକୁ ନେଇ ଜେଜେ-ନାତି କଥୋପକଥନ ସମ୍ପର୍କିତ କାହାଣୀ ପୂର୍ବରୁ ଆପଣ ନିଶ୍ଚିତ ରୂପେ ଶୁଣିଥିବେ । ସୂର୍ଯ୍ୟାଲୋକରେ ଝଲସୁଥିବା ଏକ ନିରବ ସକାଳରେ ଜେଜେବାପା ନାତିକୁ ନେଇ ଘର ପଛ ଏକ ଫାଙ୍କା ସ୍ଥାନରେ ଗାତଟିଏ ଖୋଳିଲେ ଏବଂ ଛୋଟ ଆମ୍ବ ଚାରାଟିଏ ରୋପଣ କଲେ । ଉତ୍ସୁକତାର ସହ ନାତି ପ୍ରଶ୍ନ କଲା 'ଚାରିପଟେ ତ ଏତେ ଗଛ ଭରି ରହିଛି, ଆଉ ଗଛ ଲଗାଇବା କ'ଣ ଆବଶ୍ୟକ' ହସହସ ମୁଖରେ ନାତିକୁ ଉନ୍ତର ଦେଲେ ଜେଜେ 'ଗଛମାନେ ହେଉଛନ୍ତି ସର୍ବୋତମ ଦାତା । ସେମାନେ ଆମ ପାଖରୁ କିଛି ନିଅନ୍ତି ନାହିଁ, କିନ୍ତୁ ଆମକୁ ଅମ୍ଳଜାନ, ଫୁଲ, ଫଳ, କାଷ୍ଠ ଏବଂ ସୁଶୀତଳ ଛାୟା ପ୍ରଦାନ କରନ୍ତି । କେତେ ପ୍ରକାର ଜୀବଜନ୍ତୁ, ପକ୍ଷୀଙ୍କୁ ରହିବା ନିମନ୍ତେ ବାସସ୍ଥଳୀ ଯୋଗାଇ ଦିଅନ୍ତି । କେବଳ ଆମ ପାଇଁ ନୁହେଁ, ଆମ ପରବର୍ତୀ ପିଢ଼ି ନିମନ୍ତେ ମଧ୍ୟ ଏସବୁ ଉପଯୋଗିତା ଉପଲବ୍ଧ ହେବ ।' ନାତି ପୁଣି ପ୍ରଶ୍ନ କଲା 'ଏହି ଚାରାଟି ତ ଏତେ ଛୋଟ ଅଛି, କେବେ ବଡ଼ ହେବ ଆଉ ଆମ୍ବ ଫଳିବ ! ତମେ କ'ଣ ତାହା ଖାଇପାରିବ ?' ଜେଜେ ଉତର ଦେଲେ 'ଆମେ ଯେଉଁ ଫଳ ଆଜି ଖାଉଛେ, ଅନେକ ଗଛ ଆମ ବାପା, ଜେଜେ ଲଗାଇ ଥିଲେ । ଆଜି ଯେଉଁ ଗଛ ଲାଗୁଛି ତା'ର ଫଳ ତମେମାନେ ବଡ଼ ହେଲେ ଖାଇବ, ଆଉ ଅନ୍ୟାନ୍ୟ ବହୁ ଦ୍ରବ୍ୟ ଓ ସେବା ମଧ୍ୟ ହାସଲ ହେବ । ବହୁ ଜୀବଜାତିଙ୍କର ସମ୍ଭାର ଏଠି ଗଢ଼ିଉଠିବ ଏବଂ ପରିବେଶ ସନ୍ତୁଳନ ରକ୍ଷାହେବ । ତେଣୁ ଗଛ ଲଗାଇବା ଆମ ଭବିଷ୍ୟତ ଏବଂ ପ୍ରକୃତିକୁ ସୁରକ୍ଷିତ ରଖିବା ନିମନ୍ତେ ଏକାନ୍ତ ଅପରିହାର୍ଯ୍ୟ ।' ଜେଜେ-ନାତିଙ୍କୁ ନେଇ ଏପରି ଗଳ୍ପ କେବଳ ଛୋଟ ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ବରଂ ସମାଜ ନିମନ୍ତେ ଏହା ଏକ ଅତୀବ ମୂଲ୍ୟବାନ ବାର୍ତ୍ତା ବହନ କରେ । ପ୍ରାଚୀନ ଭାରତର ପରମ୍ପରାକୁ ଅବଲୋକନ କଲେ ଆଜି ଦୃଶ୍ୟମାନ ଥିବା ବ୍ୟାପକ ଧରଣର ବାଣିଜ୍ୟିକ ବୃକ୍ଷରୋପଣ ସେତେବେଳେ ଅସ୍ତିତ୍ୱରେ ନଥିଲା । କେବଳ କର୍ପୋରେଟ୍ କିମ୍ବା ସାମ୍ରାଜ୍ୟବାଦୀ ଲାଭ ଉଦ୍ଦେଶ୍ୟରେ ଶୋଷଣ ନକରି, ବୃକ୍ଷମାନଙ୍କୁ ମଣିଷ ବଂଚିବା ନିମନ୍ତେ ଅତ୍ୟାବଶ୍ୟକୀୟ ଜୀବସନ୍ତା ଭାବରେ ପୂଜାର୍ଚ୍ଚନା ଏବଂ ବ୍ୟବହାର କରିବା ମୂଳମନ୍ତ୍ର ଥିଲା । ବୃକ୍ଷରୋପଣ ଏବଂ ଉଦ୍ୟାନ (ପବିତ୍ର ତୋଟା) ସ୍ଥାପନ ଧାର୍ମିକ କର୍ନ୍ତବ୍ୟ ରୂପେ ପରିଗଣିତ ହେଉଥିଲା । ତୁଳସୀ, ଅଶ୍ୱତ୍ଥ, ବର, ନିମ୍ବ, ବେଲ, ଆମ୍ବ, ଅଶୋକା, ନଡ଼ିଆ ଇତ୍ୟାଦି ଉଦ୍ଭିଦକୁ ଐଶ୍ୱରୀୟ ସନ୍ତାର ନିଦର୍ଶନ ଭାବରେ ପୂଜିତ କରାଯିବାର ପରମ୍ପରା ଆଜି ମଧ୍ୟ ରହିଛି । ବୃକ୍ଷଲତା କୃଷି ଏବଂ ବନୀକରଣ ପବିତ୍ର ଆୟୁର୍ବେଦ ଏବଂ ପ୍ରକୃତି ଅଧ୍ୟୟନ ସହିତ ଗଭୀର ଭାବରେ ଜଡ଼ିତ ଥିଲା । ପ୍ରକୃତି ସହ ଅନ୍ତରଙ୍ଗ ସମନ୍ୱୟ ସ୍ଥାପନ ଉପରେ ବୃକ୍ଷରୋପଣ ଏବଂ ଉଦ୍ଭିଦ କୃଷିର ଦୃଷ୍ଟିକୋଣ କେନ୍ଦ୍ରିତ ଥିଲା । ମତ୍ସ୍ୟ ପୁରାଣ ଭଳି ଗ୍ରନ୍ଥରେ ଲିପିବଦ୍ଧ ରହିଛି ଯେ ଗୋଟିଏ ବୃକ୍ଷ ଲଗାଇବା ଆଧ୍ୟାତ୍ମିକ ଭାବରେ ଦଶଟି ପୁଣ୍ୟାତ୍ମା ସନ୍ତାନ ଲାଭ ସହିତ ସମକକ୍ଷ । ପବିତ୍ର ତୋଟାସବୁର ରକ୍ଷଣାବେକ୍ଷଣ ଧର୍ମ (କର୍ନ୍ତବ୍ୟ), ଅର୍ଥ (ସମୃଦ୍ଧି), କାମ (ଇଚ୍ଛା) ଏବଂ ମୋକ୍ଷ (ମୁକ୍ତି) ପରି ଜୀବନର ଚାରିଟି ଚରମ ଲକ୍ଷ୍ୟ ହାସଲ ସହିତ ସମ୍ପୃକ୍ତ ବୋଲି ବିଚାର ହେଉଥିଲା । ଉପବନବିନୋଦ ଏବଂ ସୁରପାଳଙ୍କ ବୃକ୍ଷାୟୁର୍ବେଦ ଭଳି ପ୍ରାଚୀନ ଗ୍ରନ୍ଥଗୁଡ଼ିକ ମୃତ୍ତିକା ଚିକିତ୍ସା, ବିହନ ପ୍ରକ୍ରିୟାକରଣ, ଜଳସେଚନ ପ୍ରକ୍ରିୟା ଏବଂ ଜୈବିକ ସାର ବ୍ୟବହାର ବିଷୟରେ ବିସ୍ତୃତ ନିର୍ଦ୍ଦେଶାବଳୀ ପ୍ରଦାନ କରିଥିଲେ । ପ୍ରାଚୀନ ପଦ୍ଧତିରେ ମହୁ, ଘିଅ, ଗୋବର ଏବଂ ଔଷଧୀୟ ପାଉଁଶ ଭଳି ସାମଗ୍ରୀର ମିଶ୍ରଣକୁ ବ୍ୟବହାର କରାଯାଇ ବୃକ୍ଷଲତାଙ୍କର ପୋଷଣ ଏବଂ ସେସବୁର ମାନବ ରୋଗ ଉପଶମରେ ବ୍ୟବହାର କରାଯାଉଥିଲା । ମାତ୍ର ଆଧୁନିକ ସମାଜରେ ଏସବୁ ପ୍ରାଚୀନ ପଦ୍ଧତି ବର୍ଜିତ ହୋଇ ଏକ ଅସନ୍ତୁଳିତ ପ୍ରକ୍ରିୟାରେ କାର୍ଯ୍ୟଧାରା ଚାଲୁରହିଛି, ଯାହା ଉଭୟ ଉଦ୍ଭିଦଜଗତ ଓ ପ୍ରାଣୀଜଗତ ପ୍ରତି ଅଶେଷ କ୍ଷତିସାଧନ କରୁଛି । ତେବେ, ପରିବେଶର ଗୁଣବତା ଅବକ୍ଷୟିତ ହେଉଥିବା ଆଧୁନିକ ବିଶ୍ୱରେ ବୃକ୍ଷରୋପଣ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, ଯାହା ପରିବେଶୀୟ ସ୍ଥିରତା, ଆର୍ଥି କ ବିକାଶ ଏବଂ ସାମାଜିକ କଲ୍ୟାଣରେ ଯୋଗଦାନ ରଖେ । ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ନ୍ତନ, ଜଙ୍ଗଲ ହ୍ରାସ, ବିଭିନ୍ନ ପ୍ରଦୂଷଣ, ଜୈବବିବିଧତା ଅବକ୍ଷୟ ତଥା ଅନ୍ୟ ପରିବେଶଜନିତ ସମସ୍ୟା ସମ୍ପର୍କରେ କ୍ରମଶଃ ସଚେତନତା ବୃଦ୍ଧି ପାଉଥିବାରୁ, ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମାନବ ସମାଜର ହିତ ସାଧନ ହେବା ନିମନ୍ତେ ବୃକ୍ଷରୋପଣର ଗୁରୁତ୍ୱକୁ ଜନସମାଜ ହୃଦୟଙ୍ଗମ କଲାଣି । ବୃକ୍ଷଲତାମାନେ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରନ୍ତି ଏବଂ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ଅମ୍ଳଜାନ ନିର୍ଗତ କରନ୍ତି । ଏଥିସହ ପ୍ରଦୂଷିତ ବାୟୁକୁ ବିଶୁଦ୍ଧ କରନ୍ତି ତଥା ଅଙ୍ଗାରକାମ୍ଳ ପରି ସବୁଜଗୃହ ବାଷ୍ପର ମାତ୍ରାକୁ ହ୍ରାସ କରି ବିଶ୍ୱତାପନ ଏବଂ ଜଳବାୟୁ ପରିବର୍ନ୍ତନକୁ ନିୟନ୍ତ୍ରଣ କରନ୍ତି । ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମମାନ ଅଙ୍ଗାରକ ଭଣ୍ଡାର (କାର୍ବନ ସିଙ୍କ୍) ଭାବରେ କାର୍ଯ୍ୟ କରି ରାଷ୍ଟ୍ରମାନଙ୍କର ଜଳବାୟୁ ଲକ୍ଷ୍ୟ ପୂରଣ ଏବଂ ସେମାନଙ୍କର ପରିବେଶଗତ ପଦଚିହ୍ନକୁ ହ୍ରାସ କରିବାରେ ସହାୟତା କରନ୍ତି । ଏତଦ୍ ବ୍ୟତୀତ, ରୋପିତ ବୃକ୍ଷମାନେ ମାଟିକୁ ମୂଳ ସହିତ ଧରିରଖି ମୃତିକା କ୍ଷୟକୁ ରୋକିବାରେ ସାହାଯ୍ୟ କରନ୍ତି, ଯାହା ଉର୍ବର ଭୂମିକୁ ସୁରକ୍ଷା ଦିଏ ଏବଂ ଭୂସ୍ଖଳନ ଓ ମରୁଭୂମିକରଣ ପରି ବିପଦରେ ହ୍ରାସ ଘଟାଏ । ଏ ସମସ୍ତ ବିଷୟକୁ ପୂର୍ବାବଲୋକନ ଓ ହୃଦୟଙ୍ଗମ କରି ଭାରତର ପୂର୍ବତନ କୃଷି ଓ ଖାଦ୍ୟ ମନ୍ତ୍ରୀ ଡ. କେ.ଏମ୍. ମୁନସୀ ୧୯୫୦ ମସିହାରେ ନିଷ୍ପତି ଗ୍ରହଣ କରିଥିଲେ ଯେ, ଜୁଲାଇ ମାସ ପ୍ରଥମ ସପ୍ତାହକୁ ବନ ମହୋତ୍ସବ ବା 'ବୃକ୍ଷର ପର୍ବ' ରୂପେ ଦେଶବ୍ୟାପୀ ପାଳନ କରାଯିବ । ମୌସୁମୀ ଋତୁର ପ୍ରାରମ୍ଭରେ ବ୍ୟକ୍ତିସମୂହ, ଶିକ୍ଷାନୁଷ୍ଠାନ ଏବଂ ବିଭିନ୍ନ ସଂଗଠନ ଦ୍ୱାରା ବ୍ୟାପକ ସଂଖ୍ୟାର ଚାରା ରୋପଣ ସମ୍ପାଦିତ ହେବା ସହ ବୃକ୍ଷଲତାଙ୍କର ଗୁରୁତ୍ୱ ଏବଂ ଜଙ୍ଗଲ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟିର ପ୍ରୟାସ କରିବା ଏହି ପର୍ବ ପାଳନର ପ୍ରମୁଖ ଲକ୍ଷ୍ୟ । ଅର୍ଥନୈତିକ ଦୃଷ୍ଟିକୋଣରୁ ବୃକ୍ଷରୋପଣ ହେଉଛି କଚାଂମାଲ ଏବଂ ନିଯୁକ୍ତି ସୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ । ଚା, କଫି, ରବର, ନଡ଼ିଆ ଓ ପାମ୍ ତେଲ ଏବଂ କାଷ୍ଠ ଭଳି ବୃହତ୍ ବୃକ୍ଷ ରୋପଣଜନିତ କୃଷି ଜାତୀୟ ଅର୍ଥନୀତିରେ, ବିଶେଷକରି ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ । ଏହି ଶିଳ୍ପଗୁଡ଼ିକ କୃଷକ, ଶ୍ରମିକ ଏବଂ ବ୍ୟବସାୟୀଙ୍କ ସମେତ ଲକ୍ଷ ଲକ୍ଷ ଲୋକଙ୍କ ନିମନ୍ତେ ଜୀବିକା ଉପାର୍ଜନର ଉତ୍ସ ଅଟେ । ବୃକ୍ଷରୋପଣରୁ ପ୍ରାପ୍ତ ଉତ୍ପାଦଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, ବିଭିନ୍ନ ଦ୍ରବ୍ୟ ନିର୍ମାଣ, କାଷ୍ଠ ସରଞ୍ଜାମ ପ୍ରସ୍ତୁତି ଏବଂ କାଗଜ ଉତ୍ପାଦନ ସମେତ ବିଭିନ୍ନ ଶିଳ୍ପରେ ବ୍ୟବହୃତ ହୁଏ । ଔଷଧୀୟ ଉଦ୍ଭିଦରାଜି ହେଉଛି ବିଶ୍ୱ ସ୍ୱାସ୍ଥ୍ୟସେବାର ମୂଳଦୁଆ, ଯାହା ସ୍ୱଳ୍ପ ଖର୍ଚ୍ଚରେ ଏବଂ ପାରମ୍ପରିକ ଭାବରେ ବିଭିନ୍ନ ରୋଗର ସୁଲଭ ପ୍ରତିକାର ପ୍ରଦାନ କରେ । ବୃକ୍ଷଲବ୍ଧ ଉତ୍ପାଦର ରପ୍ତାନି ଅନେକ ରାଷ୍ଟ୍ର ନିମନ୍ତେ ମୂଲ୍ୟବାନ ବୈଦେଶିକ ମୁଦ୍ରା ରୋଜଗାରର ମାଧ୍ୟମ ଅଟେ । ଦାୟିତ୍ୱପୂର୍ଣ୍ଣ ଭାବରେ ପରିଚାଳିତ ହେଲେ, ବୃକ୍ଷରୋପଣ ପ୍ରକୃତି ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବା ସହିତ ବନଜାତ ଦ୍ରବ୍ୟର ବର୍ଦ୍ଧି ର୍ତ ଚାହିଦା ପୂରଣ କରିବାରେ ସକ୍ଷମ ହେବ । ସାମାଜିକ ବନୀକରଣ ପ୍ରକ୍ରିୟା ସ୍ଥାନୀୟ ଜନସଂଖ୍ୟାର ପ୍ରତ୍ୟକ୍ଷ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଅବକ୍ଷୟିତ, ସାର୍ବଜନୀନ କିମ୍ବା ଅବ୍ୟବହୃତ ସମ୍ପ୍ରଦାୟ ଜମିରେ ଜନସାଧାରଣଙ୍କ ସାମୂହିକ ଯୋଗଦାନରେ ବୃକ୍ଷରୋପଣ ଏବଂ ସେସବୁର ପରିଚାଳନାକୁ ଅନ୍ତର୍ଭୁକ୍ତ କରେ । ଏହାର ଗୁରୁତ୍ୱ ଦାରିଦ୍ର୍ୟ ଦୂରୀକରଣ, ପରିବେଶ ପୁନରୁଦ୍ଧାର ଏବଂ ଗ୍ରାମୀଣ ସମ୍ପ୍ରଦାୟକୁ ସଶକ୍ତ କରିବାରେ ନିହିତ । ଶିକ୍ଷାନୁଷ୍ଠାନ, ଗ୍ରାମାଂଚଳ ଏବଂ ସହରାଞ୍ଚଳରେ ବୃକ୍ଷରୋପଣ ଅଭିଯାନ ନାଗରିକମାନଙ୍କ ମଧ୍ୟରେ ପ୍ରକୃତି ଓ ପରିସଂସ୍ଥାର ସ୍ଥାୟିତ୍ୱ ପ୍ରତି ଦାୟିତ୍ୱବୋଧକୁ ଜାଗ୍ରତ କରେ । ସବୁଜିମା ବୃଦ୍ଧି ବାୟୁ ଗୁଣବନ୍ତାକୁ ଉନ୍ନତ କରି, କଣିକା ପଦାର୍ଥ ଓ ଶବ୍ଦ ପ୍ରଦୂଷଣ ହ୍ରାସ କରେ ଏବଂ ସୁସ୍ଥ ଜୀବନଯାପନ ନିମନ୍ତେ ଅନୁକୂଳ ପରିବେଶ ସୃଷ୍ଟି କରି ଜନସ୍ୱାସ୍ଥ୍ୟରେ ଉନ୍ନତି ଘଟାଏ । ପୁନଶ୍ଚ, ଏହା ଜଳ ସଂରକ୍ଷଣ ସହ ଜଡ଼ିତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ସହାୟତା କରେ । ବୃକ୍ଷମାନଙ୍କର ଉପସ୍ଥିତି ଭୂତଳ ଜଳ ପୁନଃଭରଣାକୁ ସମର୍ଥନ, ଜଳଚକ୍ରକୁ ନିୟନ୍ତ୍ରଣ ଏବଂ ଜଳପ୍ରବାହକୁ ହ୍ରାସ କରେ । କୃଷିକ୍ଷେତ୍ରରେ ବାତ୍ୟାରୋଧୀ ବୃକ୍ଷରୋପଣ ଫସଲକୁ ପ୍ରବଳ ପବନରୁ ରକ୍ଷା କରେ ଏବଂ କୃଷି ଉତ୍ପାଦନରେ ବୃଦ୍ଧି ଘଟାଏ । କୃଷି ବନୀକରଣ ପ୍ରଣାଳୀ କୃଷି କାର୍ଯ୍ୟକଳାପ ସହିତ ଅନ୍ୟ ଲାଭଦାୟକ ଉଦ୍ଭିଦ ରୋପଣକୁ ମିଶ୍ରଣ କରି ସହନୀୟ ଭୂମି ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହୁଏ । ଏହା ଗୁରୁତ୍ୱପୂର୍ଣ୍ଣ ଯେ ପ୍ରାକୃତିକ ଜଙ୍ଗଲଗୁଡ଼ିକ ଅତ୍ୟନ୍ତ ଜୈବବିବିଧ, ସ୍ୱାବଲମ୍ବୀ ପରିସଂସ୍ଥା, ଯାହା ଲକ୍ଷ ଲକ୍ଷ ବର୍ଷର ଅବଧିରେ ବିକଶିତ ହୋଇଛି । ବୃକ୍ଷରୋପଣରେ ସାଧାରଣତଃ କେବଳ ଅଳ୍ପ କେତୋଟି ଦ୍ରୁତ ବଢୁଥିବା, କେତେକ କ୍ଷେତ୍ରରେ ୟୁକାଲିପଟସ୍ ବା ଆକାସିଆ ପରି ବାହ୍ୟ, ବାଣିଜ୍ୟିକ ବୃକ୍ଷଜାତି ରହିଥାଏ । ମାତ୍ର ପ୍ରାକୃତିକ ଜଙ୍ଗଲରେ ଦେଶୀୟ ଉଦ୍ଭିଦ, ପ୍ରାଣୀ, କବକ ଏବଂ ଅଣୁଜୀବମାନଙ୍କର ଏକ ଜଟିଳ, ବହୁସ୍ତରୀୟ ମିଶ୍ରଣ ରହିଥାଏ, ଯାହା ପରିସଂସ୍ଥାର ସକ୍ରିୟ କାର୍ଯ୍ୟକଳାପ ନିମନ୍ତେ ଅତ୍ୟନ୍ତ ସହାୟକ ହୋଇଥାଏ । ପ୍ରାକୃତିକ ଜଙ୍ଗଲଗୁଡ଼ିକ ବିଭିନ୍ନ ଦ୍ରବ୍ୟ ଓ ସେବା ପ୍ରଦାନର ଅସରନ୍ତି ଉତ୍ସ ହେବା ସହିତ ଜଳବାୟୁ ବିଭ୍ରାଟ ପ୍ରତି ଅଧିକ ପ୍ରତିରୋଧୀ ଏବଂ ସ୍ଥାନୀୟ ପାଣିପାଗ ଧାରାକୁ ଉନ୍ନମ ରୂପେ ନିୟନ୍ତ୍ରଣ କରନ୍ତି । ଅତଏବ, ବନ ମହୋତ୍ସବ ଅବସରରେ ଜଙ୍ଗଲ ସୁରକ୍ଷାକୁ ଶକ୍ତିଶାଳୀ କରିବା ନିମନ୍ତେ ସଚେତନତା ବୃଦ୍ଧି ଏବଂ କାର୍ଯ୍ୟପନ୍ଥା ଗ୍ରହଣ ଅତ୍ୟନ୍ତ ପ୍ରୟୋଜନୀୟ ଅଟେ । ଅଧିକନ୍ତୁ, ହ୍ରାସ ପାଉଥିବା ସବୁଜିମାର ବୃଦ୍ଧି ଲକ୍ଷ୍ୟରେ ବିବିଧ ଜାତିର ସ୍ଥାନୀୟ ବୃକ୍ଷରାଜିର ଚାରାରୋପଣ ମାଧ୍ୟମରେ ଜାତିସଂଘର 'ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି (୨୦୨୧-୨୦୩୦)' ଅଭିଯାନରେ ଆମେ ଆମର ବଳିଷ୍ଠ ଅବଦାନ ରଖିପାରିବା । ଯଦିଓ ବୃକ୍ଷରୋପଣ ପ୍ରାକୃତିକ ଜଙ୍ଗଲକୁ ସମ୍ପୂର୍ଣ୍ଣ ଭାବରେ ପୁନଃସ୍ଥାପିତ କରିପାରିବ ନାହିଁ, ତଥାପି ଏହା କ୍ଷୟପ୍ରାପ୍ତ ଜମିର ପୁନରୁଦ୍ଧାର, ସମ୍ପଦ ସଂରକ୍ଷଣ ଏବଂ ଏକ ସବୁଜ ତଥା ସୁସ୍ଥ ଭବିଷ୍ୟତ ସୃଷ୍ଟି ଦିଗରେ ପ୍ରଭାବଶାଳୀ ଉପକରଣ ଭାବରେ କାର୍ଯ୍ୟ କରେ । ତେଣୁ ସରକାର, ବିବିଧ ସଂଗଠନ ଏବଂ ବ୍ୟକ୍ତିବିଶେଷ ସମ୍ମିଳିତ ଭାବରେ ଭବିଷ୍ୟତ ପିଢ଼ି ନିମନ୍ତେ ନିରନ୍ତର ବିକାଶ ଏବଂ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସଂକଳ୍ପବଦ୍ଧ ହେବା ଏବଂ ସକ୍ରିୟ ଭାବରେ ବୃକ୍ଷରୋପଣ କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବା ବାଞ୍ଛନୀୟ ।

# ଅସରନ୍ତି ଅପପୁଷ୍ଟି

ସଂପ୍ରତି, ଯେତେବେଳେ ଅଧିକରୁ ଅଧିକ ଭାରତୀୟ ସ୍ୱଚ୍ଛଳ ହେବାରେ ଲାଗିଛନ୍ତି, ଏହି ନିଦାରୁଣ ଅପ୍ରିୟ ସତ୍ୟ ସେମାନଙ୍କୁ ଅରୁଚିକର ବୋଧ ହୋଇପାରେ; କିନ୍ତୁ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ସୁଖ ସକାଶେ ମୋହ ମୁକ୍ତି, ସଂଯମ ଓ ମଧ୍ୟମ ପନ୍ଥା ନିତାନ୍ତ ଆବଶ୍ୟକ। ତା' ସହିତ ହୃଦ୍‌ବୋଧ ହେବା ଦରକାର ଯେ ହୃଷ୍ଟପୁଷ୍ଟ ଦିଶିବା ଓ ପରିପୁଷ୍ଟ ହେବା ଏକା କଥା ନୁହେଁ; ହୃଷ୍ଟପୁଷ୍ଟମାନେ ଅନେକ ସମୟରେ ଅପପୁଷ୍ଟ ହୋଇ ପାରନ୍ତି ! ଗଲା ୨୯ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ଆନୁକୂଲ୍ୟରେ 'ଏନ.ଏଫ.ଏଚ.ଏସ.' ବା 'ନେସନାଲ ଫାମିଲି ହେଲ୍‌ଥ ସର୍ଭେ' ('ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ')ର ଷଷ୍ଠ ସଂସ୍କରଣ ପ୍ରକାଶିତ ହୋଇଛି, ଯେଉଁ ପ୍ରକରଣର ଶୁଭାରମ୍ଭ ହୋଇଥିଲା ୧୯୯୨ ମସିହାରେ। ଯଦିଓ, ଏହା ୨୦୨୩-୨୪ ମସିହାରେ ସଂଗୃହୀତ ତଥ୍ୟ ଉପରେ ଆଧାରିତ, ଏହା ହିଁ ଆମ ନିକଟରେ ଉପଲବ୍ଧ ସଦ୍ୟତମ ଓ ସମ୍ୟକ 'ଡେଟା' ଭଣ୍ଡାର ଏବଂ ଏଥିରୁ ଜନସ୍ୱାସ୍ଥ୍ୟ ସଂପର୍କିତ ଚଳନ୍ତି ଧାରା ବା 'ଟ୍ରେଣ୍ଡ' ନେଇ ଆକଳନ ଓ ଅନୁମାନ କରାଯାଇପାରେ। ତେବେ, ୭୧୫ଟି ଜିଲ୍ଲାର ୬ ଲକ୍ଷ ୭୯ ହଜାର ପରିବାରକୁ ଘେନି କରାଯାଇଥିବା ଏହି ସର୍ବେକ୍ଷଣରୁ ପ୍ରାପ୍ତ ଉଦ୍‌ବେଗଜନକ ସୂଚନାଟି ହେଲା ଏହା ଯେ ଆମ ଦେଶରେ ଅପପୁଷ୍ଟି ସତେ ଯେମିତି ଅସରନ୍ତି ହେବାକୁ ବସିଲାଣି ! ଏହି ପରିପ୍ରେକ୍ଷୀରେ ଏଠାରେ ଏକ କ୍ଷୁଦ୍ର ଆଲୋଚନା ଲାଗି ଅବକାଶ ସୃଷ୍ଟି ହୋଇଥାଏ। 'ଏନ.ଏଫ.ଏଚ.ଏସ.-୬'ରୁ ଲବ୍ଧ ସୁଖବରଟି ହେଲା, ଦାରିଦ୍ର୍ୟ ଜନିତ ଅପପୁଷ୍ଟି ବା କୁପୋଷଣ ହେତୁ ଶିଶୁମାନଙ୍କ ମଧ୍ୟରେ ପରିଦୃଷ୍ଟ ହେଉଥିବା 'ଷ୍ଟଟିଂ' ବା ଖର୍ବତା (ବୟସାନୁସାରେ ଶାରୀରିକ ବିକାଶ ନ ହେବା), 'ୱେଷ୍ଟିଂ' ବା 'କ୍ଷୟ' (ଉଚ୍ଚତା ଅନୁପାତରେ କମ୍ ଓଜନ) ଏବଂ 'ଅଣ୍ଡର ୱେଟ' ବା 'ସ୍ୱଳ୍ପ ଓଜନ' (ବୟସାନୁପାତିକ କମ୍ ଓଜନ) ଭଳି ବିଷୟରେ ପୂର୍ବ ଅର୍ଥାତ୍ 'ଏନ.ଏଫ.ଏଚ.ଏସ.-୫' ତୁଳନାରେ ପ୍ରଦର୍ଶନ ଭଲ ହୋଇଛି, ଯହିଁରେ ପୀଡ଼ିତଙ୍କ ସଂଖ୍ୟା ଯଥାକ୍ରମେ ୩୫%ରୁ ୨୯%କୁ, ୭%ରୁ ୫%କୁ ଏବଂ ୩୨%ରୁ ୩୧%କୁ ହ୍ରାସ ପାଇଛି। ସେହିଭଳି ୫ ବର୍ଷ ବୟସରୁ କମ୍ ବୟସ୍କ ଶିଶୁଙ୍କ ମୃତ୍ୟୁ ହାରରେ ମଧ୍ୟ ଯଥେଷ୍ଟ ସଂକୋଚନ ଘଟିଛି; ବିଶ୍ୱ ସ୍ତରରେ ଯେଉଁ ସ୍ଖଳନର ହାର ୧୨%, ଭାରତରେ ତାହା ହେଉଛି ୪୨ ପ୍ରତିଶତ। କହିବା ଅନାବଶ୍ୟକ ଯେ ଏହା ସମ୍ଭବ ହୋଇଛି 'ଆନୁଷ୍ଠାନିକ ପ୍ରସବ' ବା 'ଇନଷ୍ଟିଚ୍ୟୁସନାଲ ଡେଲିଭରି' ସଂକ୍ରାନ୍ତ ବହୁ ଆୟାମୀ ଉଦ୍ୟମରୁ, ଯହିଁରେ ୯୬.୭% ଜନନୀ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି। ଏ ସମ୍ବନ୍ଧୀୟ ଏକାଧିକ ଯୋଜନାରେ ପ୍ରସବ ପୂର୍ବରୁ ଗର୍ଭସ୍ଥ ଶିଶୁ ଓ ଗର୍ଭବତୀ ନାରୀ ଏବଂ ସନ୍ତାନ ପ୍ରସବ ପରେ ନବଜାତ ସନ୍ତାନ ଓ ଜନନୀର ପୁଷ୍ଟିସାଧନ ଓ କଲ୍ୟାଣ ଉପରେ ବିଧିବଦ୍ଧ ଦୃଷ୍ଟି ରଖଯାଇଥାଏ। ପୃଥିବୀର ଏହି ସର୍ବାଧିକ ଜନସାନ୍ଦ୍ର ଦେଶରେ ଏହା ପାହାଡ଼ ଚଢ଼ା ତୁଲ୍ୟ ଏକ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ହେଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପକ୍ଷରୁ ହୋଇ ଆସୁଥିବା ନିରନ୍ତର ଉଦ୍ୟମ ଫଳରେ ଏହା ସମ୍ଭବ ହୋଇଛି। ଏହାର ଅର୍ଥ ସ୍ୱଷ୍ଟ ଯେ ଦାରିଦ୍ର୍ୟ, ଅନାହାର ଓ ସ୍ୱଳ୍ପାହାର ଜନିତ ଅପପୁଷ୍ଟିର ବ୍ୟାଘ୍ର ପଞ୍ଝା ଚାପ କବଳରୁ ଅଧିକରୁ ଅଧିକ ପରିବାର ମୁକ୍ତ ହେଉଛନ୍ତି। କିନ୍ତୁ ଏହି 'ଏନ.ଏଫ.ଏଚ.ଏସ.-୬'ରୁ ଏକ ବିପରୀତଧର୍ମୀ ସୂଚନା ମଧ୍ୟ ମିଳିଛି ଯେ ୧୫ରୁ ୪୯ ବର୍ଷ ପର୍ଯ୍ୟନ୍ତ ବୟସ ବର୍ଗରେ ଏକ ବିଶାଳ ସଂଖ୍ୟକ ଅପପୁଷ୍ଟ ଭାରତୀୟ ସୃଷ୍ଟି ହେଲେଣି, ଯେଉଁମାନେ ସ୍ୱଚ୍ଛଳ ଏବଂ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଶିକ୍ଷିତ ମଧ୍ୟ ! ଏବଂ ପୂର୍ବରୁ ପ୍ରାୟତଃ ସହରାଂଚଳରେ ସୀମିତ ଥିବା ଏଭଳି ଅପପୁଷ୍ଟମାନେ ଗ୍ରାମାଂଚଳକୁ ଅକ୍ତିଆର କଲେଣି, ଯେଉଁମାନେ ମେଦବହୁଳତା, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗ ଦ୍ୱାରା ଗ୍ରସ୍ତ। ଏହି ସର୍ଭେରୁ ଜଣା ପଡ଼ିଛି ଯେ ସଂପ୍ରତି ସହରୀ ମହିଳାଙ୍କ ମଧ୍ୟରୁ ୪୨% ମେଦ ବହୁଳତାର ଶିକାର ହୋଇଥିବା ବେଳେ ଗ୍ରାମାଂଚଳର ୨୫% ମହିଳା ମେଦବହୁଳ ଏବଂ ସହରାଂଚଳ ଓ ଗ୍ରାମାଂଚଳର ଦୃଶ୍ୟମାନ ହେଉଥିବା ମେଦବହୁଳ ପୁରୁଷମାନଙ୍କ ହାର ହେଉଛି ଯଥାକ୍ରମେ ୩୬% ଓ ୨୩ ପ୍ରତିଶତ। 'ଏନ.ଏଫ.ଏଚ.ଏସ.-୫'ର ତଥ୍ୟ ସହିତ ତୁଳନା କଲେ ଜଣାଯାଏ ଯେ ଏବେ ମେଦବହୁଳ ନାରୀ ଓ ପୁରୁଷଙ୍କ ସଂଖ୍ୟା ଯଥାକ୍ରମେ ୨୪%ରୁ ୩୦.୭% ଏବଂ ୨୨.୮%ରୁ ୨୭.୩%କୁ ବୃଦ୍ଧି ପାଇଛି। ସେମିତି ମଧୁମେହ ପୀଡ଼ିତଙ୍କ ସଂଖ୍ୟା ଉଭୟ ମହିଳା ଓ ପୁରୁଷଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩.୫%ରୁ ୧୭.୮%କୁ ଏବଂ ୧୫.୬୯%ରୁ ୨୦.୯%କୁ ବୃଦ୍ଧି ପାଇଛି। ଏଭଳି ଦୃଶ୍ୟପଟରେ ନିହିତ ବିଡ଼ମ୍ବନାଟି ହେଲା ବିପୁଳ ଭୋଜନ ସତ୍ତ୍ୱେ ଏମାନଙ୍କ ଆହାର ଖାଦ୍ୟସାର ବିବର୍ଜିତ ଏବଂ ଡଉଲଡାଉଲ ଚେହେରା ଓ ସୁକୁମାର ଅସ୍ତିତ୍ୱ ସତ୍ତ୍ୱେ ଏମାନେ ରୁଗ୍‌ଣ। କହିବା ବାହୁଲ୍ୟ ଯେ ୧୫ରୁ ୪୯ ବର୍ଷ ବୟସ ପର୍ଯ୍ୟନ୍ତ ଅବଧି ସର୍ବାଧିକ ଉତ୍ପାଦନଶୀଳ ହୋଇଥିବାରୁ ରାଷ୍ଟ୍ର ନିର୍ମାଣ ଓ ବିକାଶରେ ଅପରିହାର୍ଯ୍ୟ ହେବା କଥା। କିନ୍ତୁ, ଭାରତ ସକାଶେ ଦୁର୍ଭାଗ୍ୟପୂର୍ଣ୍ଣ ବିଡ଼ମ୍ବନାଟି ହେଲା ଯେ ଏହି ବୟସ ବର୍ଗରେ ଅଧିକରୁ ଅଧିକ ସଦସ୍ୟ ମଧୁମେହ, ମେଦ ବହୁଳତା ଓ ଉଚ୍ଚ ରକ୍ତଚାପ ତଥା ତଜ୍ଜନିତ ଅନେକ ବ୍ୟାଧି ଦ୍ୱାରା ପୀଡ଼ିତ। ଗୋଟିଏ ପଟେ ଏକ ସୁସମ୍ବାଦ ହେଲା ଏହା ଯେ ଭାରତ ହେଉଛି ପୃଥିବୀର ସର୍ବାଧିକ ତରୁଣ ସଘନ ରାଷ୍ଟ୍ର; କିନ୍ତୁ ଅପର ପକ୍ଷରେ ଭାରତରେ 'ଟି.ଏଫ.ଆର.' ବା 'ପ୍ରଜନନ ହାର' ୨ରେ ସ୍ଥିର ରହି ଜନସଂଖ୍ୟା ବୃଦ୍ଧିରେ ବିରାମ ଲଗାଇଥିବାରୁ ତାରୁଣ୍ୟରେ ପାଦ ଦେଉଥିବା ଜନସଂଖ୍ୟା ତୁଳନାରେ ବାର୍ଦ୍ଧକ୍ୟରେ ଉପନୀତ ଜନସଂଖ୍ୟା ଅଧିକ ହୋଇ ତରୁଣଙ୍କ ଅଂଶକୁ ଶୀଘ୍ର ସଂକୁଚିତ କରିବ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com ([illegible]) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin:769003







# ଆମେରିକାର ଫିନିକ୍ସରେ ନିଆରା ନୂଆଁଖାଇ :

## ଏକାଠି ହୋଇ ପଶ୍ଚିମ ଓଡ଼ିଶାର ଗଣପର୍ବ ପାଳିଲେ ୨୯ ପରିବାର





ସମ୍ବଲପୁର,୨/୧୦(ନି.ପ୍ର): ଦେଶଠାରୁ ହଜାର ହଜାର କିଲୋମିଟର ଦୂରରେ ରହିଲେ ମଧ୍ୟ ନିଜ ମାଟିର ଭାଷା, ପରମ୍ପରା ଓ ସଂସ୍କୃତିକୁ ଭୁଲିନାହାନ୍ତି ପ୍ରବାସୀ ଓଡ଼ିଆ। ଆମେରିକାର ଫିନିକ୍ସ ସହରରେ ପଶ୍ଚିମ ଓଡ଼ିଶାର ୨୯ଟି ପରିବାର ଏକାଠି ହୋଇ ନୂଆଁଖାଇ ପାଳନ କରିଛନ୍ତି। ଦୀର୍ଘଦିନ ଧରି ଫିନିକ୍ସ ଅଂଚଳରେ ରହୁଥିବା ଏହି ପରିବାରଗୁଡ଼ିକ ପାଇଁ ଏକାଠି ହୋଇ ପର୍ବ ପାଳନ କରିବାର ସୁଯୋଗ ମିଳିନଥିଲା। ସାମାଜିକ ଗଣମାଧ୍ୟମ ଜରିଆରେ ସେମାନେ ପରସ୍ପର ସହ ଯୋଡ଼ି ହୋଇଥିଲେ। ବରିଷ୍ଠ ସଂଗଠକ ତ୍ରିନାଥ ନାଏକ ଓ ଶ୍ୟାମ ପାତ୍ରଙ୍କ ଉଦ୍ୟମରେ ଏହି ମିଳିତ ଆୟୋଜନ ସମ୍ଭବ ହୋଇଥିଲା। ପ୍ରତ୍ୟେକ ପରିବାର ନିଜ ନିଜ ଦାୟିତ୍ୱ ନେଇ ପ୍ରସ୍ତୁତିରେ ସାମିଲ ହୋଇଥିଲେ। ପ୍ରାୟ ଏକ ମାସ ଆଗରୁ ବଡ଼ମାନେ ସାନମାନଙ୍କୁ ନୂଆଁଖାଇ ପାଇଁ ନିମନ୍ତ୍ରଣ ଦେଇଥିଲେ। ପର୍ବର ଦୁଇ ଦିନ ପୂର୍ବରୁ ସମସ୍ତେ ମିଶି ହାଟବଜାର କରିଥିଲେ। ନୂଆଁଖାଇ ଦିନ ପୂଜାର୍ଚ୍ଚନା ପରେ ଏକାଠି ନୂଆ ଖାଇ ପରସ୍ପରକୁ ନୂଆଁଖାଇ ଜୁହାର ଜଣାଇଥିଲେ। ସୁଶ୍ରୀତି ତ୍ରିପାଠୀଙ୍କ ମଚଂ ସଚାଂଳନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ରମଣୀ ସାହୁଙ୍କ ସାଜସଜ୍ଜା ଉତ୍ସବକୁ ଆକର୍ଷଣୀୟ କରିଥିଲା। ସୌମ୍ୟକାନ୍ତ ତ୍ରିପାଠୀ ଓ ରୁପେଶ ବେହେରା କାର୍ଯ୍ୟକ୍ରମର ପରିକଳ୍ପନା ଓ ପରିଚାଳନା କରିଥିଲେ। ମଳୟ, ପ୍ରଦୀପ ଦାସ, ସୌମ୍ୟକାନ୍ତ ତ୍ରିପାଠୀ, ମଧୁଶ୍ୱେତା ପଣ୍ଡା ଓ ନିରଜ କରଙ୍କ ସଙ୍ଗୀତ ପରିବେଷଣ ସହ ବିଭିନ୍ନ ଖେଳକୁଦ ପରିବେଶକୁ ଉତ୍ସବମୁଖର କରିଥିଲା। ପଣ୍ଡିତ ରବି ଦାଦା ପୂଜାର୍ଚ୍ଚନା କରିଥିଲେ। ନୂଆଁଖାଇ ଜୁହାର, ମୁଡ଼ିଆ ପର୍ବ, ସମ୍ବଲପୁରୀ ଗୀତ ଓ ନୃତ୍ୟ ସମସ୍ତଙ୍କୁ ନିଜ ଗାଁର ସ୍ମୃତି ମନେ ପକାଇଥିଲା। ଡାଲଖାଇ ଓ ରସରକେଳିର ତାଳେ ମଚଂ ଜମିଯାଇଥିଲା। ପାନ ଠେଲା ସହ ପଶ୍ଚିମ ଓଡ଼ିଶାର ପୁରୁଣା ଜୀବନଶୈଳୀ ସହ ଜଡ଼ିତ ସାମଗ୍ରୀକୁ ନେଇ ଆୟୋଜିତ ଖେଳକୁଦ ମଧ୍ୟ ଆକର୍ଷଣର କେନ୍ଦ୍ର ହୋଇଥିଲା। ଖାଦ୍ୟରେ ଥିଲା କରଡ଼ି ଆମିଲ, ଭଜା, ପିଠା, ମଣ୍ଡା, ରସବରା, ମୁଗବରା, ଖିରି, ପୁରି, ଆଲୁଚପ୍ ଓ ମୁଢ଼ି ପାଗ ଭଳି ପାରମ୍ପରିକ ବ୍ୟଞ୍ଜନ। ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର ଓ ଉଦ୍ୟୋଗୀଙ୍କ ସମେତ ବିଭିନ୍ନ ବୃତ୍ତିର ଲୋକ ଏହି ମିଳନ ପର୍ବରେ ସାମିଲ ହୋଇଥିଲେ। ନୂଆ ପିଢ଼ି ନିଜ ପରମ୍ପରା ସହ ପରିଚିତ ହୋଇଥିବା ବେଳେ ବଡ଼ମାନେ ନିଜ ଗାଁ ଓ ପିଲାଦିନର ସ୍ମୃତିକୁ ପୁଣିଥରେ ଅନୁଭବ କରିଥିଲେ।

## 'ସ୍ୱଚ୍ଛତା ହିଁ ସେବା' ଅଭିଯାନରେ ସମ୍ବଲପୁର ରେଳ ମଣ୍ଡଳର ଶ୍ରମଦାନ



ସମ୍ବଲପୁର,୨/୧୦(ନି/ପ୍ର): ଦେଶବ୍ୟାପୀ 'ସ୍ୱଚ୍ଛତା ହିଁ ସେବା–୨୦୨୬' ଅଭିଯାନର ଅଂଶ ଭାବେ ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ପକ୍ଷରୁ ରେଳନଗରସ୍ଥିତ ଡିଭିଜନାଲ୍ ରେଳ ହସ୍ପିଟାଲ ପରିସରରେ 'ଏକ ଦିନ, ଏକ ଘଟାଂ, ଏକାଠି' ଶ୍ରମଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ନିଜେ ସଫେଇ କାର୍ଯ୍ୟରେ ଅଂଶଗ୍ରହଣ କରି କର୍ମଚାରୀ ଓ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। ଅଭିଯାନ ଶେଷ ହେବା ପରେ ମଧ୍ୟ ସ୍ୱଚ୍ଛତା ପାଇଁ ପ୍ରୟାସ ଜାରି ରଖିବା ସହ ଏହାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲଙ୍କ ସମେତ ଅନ୍ୟ ରେଳ ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ଶ୍ରମଦାନ କରିଥିଲେ। ସ୍ୱଚ୍ଛ ରେଳ ପରିବେଶ ଗଢ଼ିବା ଲକ୍ଷ୍ୟରେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ମଣ୍ଡଳର ବିଭିନ୍ନ ସ୍ଥାନରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ।

## ସଫାଇ ମିତ୍ରଙ୍କ ପାଇଁ ସୁରକ୍ଷା ଓ ସ୍ୱାସ୍ଥ୍ୟ ଶିବିର




ସମ୍ବଲପୁର,୨/୧୦(ନି/ପ୍ର): 'ସ୍ୱଚ୍ଛତା ହିଁ ସେବା' ଅଭିଯାନ ଅଧୀନରେ ପୂର୍ବତଟ ରେଳପଥର ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ସ୍ଥାନରେ 'ସଫାଇ ମିତ୍ର ସୁରକ୍ଷା ଶିବିର' ଓ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା। ରେଳ ପରିସର, କଲୋନୀ ଓ ଷ୍ଟେସନଗୁଡ଼ିକରେ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖୁଥିବା ସଫାଇ ମିତ୍ର ଓ ଅଗ୍ରଣୀ ସଫେଇ କର୍ମୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ କଲ୍ୟାଣକୁ ଏହି ପଦକ୍ଷେପରେ ଗୁରୁତ୍ୱ ଦିଆଯାଇଥିଲା। ରେଳ ଡାକ୍ତର ଓ ପାରାମେଡିକାଲ୍ କର୍ମଚାରୀମାନେ ଶିବିରରେ ରକ୍ତଚାପ, ରକ୍ତ ଶର୍କରା, ଦୃଷ୍ଟିଶକ୍ତି ଓ ସାଧାରଣ ସ୍ୱାସ୍ଥ୍ୟର ମାଗଣା ପରୀକ୍ଷା କରିଥିଲେ। ଏହା ସହିତ ସ୍ୱଚ୍ଛତା, ପ୍ରତିରୋଧମୂଳକ ସ୍ୱାସ୍ଥ୍ୟସେବା ଏବଂ ଅଳିଆ ପରିଚାଳନା ଓ ସଫେଇ କାମ ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। ସ୍ୱଚ୍ଛ ପରିବେଶ ବଜାୟ ରଖିବା ସହ ସଫେଇ କର୍ମୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ କୁହାଯାଇଛି।

## ଡିମିରିମୁଣ୍ଡା ପଚାଂୟତରେ ବେଆଇନ ମଦ ଓ କୁସୁନା ବିକ୍ରି ବନ୍ଦ ଦାବି



ସମ୍ବଲପୁର,୨/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତଗର୍ତ ଡିମିରିମୁଣ୍ଡା ଗ୍ରାମପଚାଂୟତରେ ବେଆଇନ ମହୁଲି ମଦ ଓ କୁସୁନା ବିକ୍ରିବନ୍ଦ କରିବାକୁ ଦାବି କରି ସ୍ଥାନୀୟ ମହିଳାମାନେ ବୁଧବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଅବକାରୀ ବିଭାଗ, କୁଚିଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କୁଚିଣ୍ଡା ଥାନରେ ମଧ୍ୟ ଅଭିଯୋଗ ଦାଖଲ କରିଥିବା ସେମାନେ କହିଛନ୍ତି। ଅଭିଯୋଗପତ୍ର ଅନୁସାରେ, ଡିମିରିମୁଣ୍ଡା ସେମତ ବାଲିବୁଡ଼ା, ବାମଣ୍ଡାଗଡ଼, ଲେପଇକାନି ଓ ତବଲାକଟା ଆଦି ଗ୍ରାମେର ମଦ ଓ କୁସୁନା ବିକ୍ରି ବଢ଼ିଛି। ଏହାର ପ୍ରଭାବେର କେତେକ ପରିବାରେର ଅଶାନ୍ତି ସୃଷ୍ଟି ହେଉଥିବା ଏବଂ ମହିଳା ଓ ପିଲାମାନେ ଅସୁରକ୍ଷିତ ମେନ କରୁଥିବା ଅଭିଯୋଗକାରୀମାନେ ଦର୍ଶାଇଛନ୍ତି। ନିଶାସକ୍ତ ବ୍ୟକ୍ତିଙ୍କ ଯୋଗୁଁ ରାସ୍ତାଘାଟେର ଗଣ୍ଡେଗାଳ ଓ ଅସଦାଚରଣ ଘଟୁଥିବା ମଧ୍ୟ ସେମାନଙ୍କ ଅଭିଯୋଗ। ପଚାଂୟତ ଅଚଂଳରେ ଶିକ୍ଷାନୁଷ୍ଠାନ, ପଚାଂୟତ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ଓ ପୂଜାସ୍ଥଳ ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀ ଯାତାୟାତ କରୁଥିବାରୁ ପରିସ୍ଥିତି ଉପେର ତୁରନ୍ତ ଧ୍ୟାନ ଦେବାକୁ ମହିଳାମେନ ଅନୁରୋଧ କରିଛନ୍ତି। ବେଆଇନ ବିକ୍ରିର ତଦନ୍ତ କରି ତାହା ବନ୍ଦ କରିବା, ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ନିୟମିତ ପେଟ୍ରାଲିଂ ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ଏଥିସହ ନିଶାମୁକ୍ତି ସେଚତନତା ଶିବିର ଆୟୋଜନ ଓ ଅଭିଯୋଗ ଉପେର ନିଆଯାଇଥିବା ପଦେକ୍ଷପ ସମ୍ପର୍କେର ଲିଖିତ ଭବେେ ଜଣାଇବାକୁ ଅନୁରୋଧ କରିଛନ୍ତି। ଅଭିଯୋଗ ଦେବା ସମୟେର ରିଙ୍କି ବେହେରା, ପ୍ରମିଳା କିସାନ, ସୁକାନ୍ତି ଝଙ୍କାର, କୁମୁଦିନୀ ବାଘ, ତୁଟିଆ କିସାନ, ମମତା ବାଘ ଓ ଜନନୀ ବାଘଙ୍କ ସେମତ ଅେନକ ମହିଳା ଉପସ୍ଥିତ ଥିଲେ। ଶୀଘ୍ର ପଦେକ୍ଷପ ନିଆ ନ ଗେଲ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଫାଶୀମାଲ ଅଚଂଳରେ ବୁଲା କୁକୁର ଆତଙ୍କ

### ସପ୍ତାହକ ମଧ୍ୟରେ ୧୭ ଜଣ କୁକୁର କାମୁଡ଼ାର ଶିକାର




ସମ୍ବଲପୁର,୨/୧୦(ନି/ପ୍ର): ଜମନକିରା ବ୍ଲକ ଅନ୍ତର୍ଗତ ଫାଶୀମାଲ ପଚାଂୟତ ଅଚୟଳରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବଢ଼ିଛି। ଗତ ଏକ ସପ୍ତାହ ମଧ୍ୟରେ ଏହି ଅଚଂଳର ୧୭ ଜଣ କୁକୁର କାମୁଡ଼ାର ଶିକାର ହୋଇଥିବା ଜଣାପଡ଼ିଛି। ବୁଧବାର ଫାଶୀମାଲ ଗ୍ରାମର ସୁମତି ବାରଭାୟା (୬୦) ଓ ଗରିଆବାହାଲ ଗ୍ରାମର ଶୁଭମ ନିଖଣ୍ଡିଆ (୧୧)ଙ୍କୁ ବୁଲା କୁକୁର କାମୁଡ଼ିଛି। ଉଭୟଙ୍କୁ ଫାଶୀମାଲ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। କୁକୁର କାମୁଡ଼ା ଘଟଣା ବଢୁଥିବାରୁ ଅଚଂଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। ବୁଲା କୁକୁରଙ୍କ ନିୟନ୍ତ୍ରଣ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ସେମାନେ ଦାବି କରିଛନ୍ତି।




## ମାମଲା ଗୁଡ଼ିକର ସମାଧାନ ପାଇଁ ବିଶେଷ ମଧ୍ୟସ୍ଥତା ଅଭିଯାନ ୩.୦

ଝାରସୁଗୁଡ଼ା,୨/୧୦(ନି/ପ୍ର): ଜାତୀୟ ଆଇନ ସେବା ପ୍ରାଧୀକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶକ୍ରମେ ଗତ ଅଗଷ୍ଟ ମାସ ୧ ତାରିଖରୁ ସାରା ଦେଶରେ ବିଶେଷ ମଧ୍ୟସ୍ତତା ଅଭିଯାନ ୩.୦ ଜାରି ରହିଛି। ଏହି କ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ଝାରସୁଗୁଡ଼ାର ମଧ୍ୟସ୍ଥତା କେନ୍ଦ୍ରରେ ମଧ୍ୟ ଏହି ମଧ୍ୟସ୍ଥତା ଅଭିଯାନ ଚାଲୁ ରହିଛି । ବିବାଦୀୟ ପକ୍ଷଗୁଡ଼ିକ ଅଦାଲତରେ ମାମଲାର ବିଚାର ନକରି ଏକ ନିରପେକ୍ଷ ତୃତୀୟ ପକ୍ଷଙ୍କ ସହାୟତାରେ ସେମାନଙ୍କର ବିବାଦର ଏକ ଗ୍ରହଣଯୋଗୀ ଏବଂ ସୃଜନାତ୍ମକ ଢଙ୍ଗରେ ସମାଧାନ କରିପାରିବେ। ବିବାଦର ସମାଧାନ ନିମନ୍ତେ ମଧ୍ୟସ୍ଥତା ଏକ ଅପୂର୍ବ ସୁଯୋଗ ଆଣିଥାଏ । ପକ୍ଷମାନଙ୍କୁ ଅଦାଲତରେ ମିଳୁଥିବା ନିଷ୍ପତି ଠାରୁ ସନ୍ତୋଷଜନକ ଫଳ ଏହି ସମାଧାନ ପଦ୍ଧତି ମାଧ୍ୟମରେ ମିଳିଥାଏ।ଏହା ବ୍ୟତୀତ ଅଦାଲତରେ ରାୟ ପାଇବା ପାଇଁ ଆବଶ୍ୟକ ହେଉଥିବା ଅର୍ଥ ଏବଂ ସମୟ ଅପଚୟରୁ ମୁକ୍ତି ମିଳିଥାଏ। ମଧ୍ୟସ୍ଥତା ଦ୍ୱାରା ମାମଲାଟି ସମାଧାନ ହୋଇଗଲେ ଦାୟର ହୋଇଥିବା କୋର୍ଟ ଫି ଫେରସ୍ତ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି । ମଧ୍ୟସ୍ଥତା ହେଉଛି ବିବାଦ ସମାଧାନ ତଥା ବିବାଦ ଶୁଣାଣୀର ଏକ ବିକଳ୍ପ ବ୍ୟବସ୍ଥା । ଏହି ଅଭିଯାନରେ କୋର୍ଟରେ ବିଚାରାଧୀନ ଥିବା ବୈବାହିକ ବିବାଦ ସମ୍ବନ୍ଧୀୟ ମାମଲା ଘରୋଇ ହିଂସା ସହିତ, ଚେକ୍ ବାଉନ୍ସ, ଗାଡି ମୋଟର ଦୁର୍ଘଟଣା ଜନିତ ମାମଲା, ସାଲିସ୍ ଯୋଗ୍ୟ ଫୌଜଦାରି ମାମଲା, ଜମି ଅଧିଗ୍ରହଣ, ଜମିବାଡି ଭାଗବଟାଂ, ଉଚ୍ଛେଦ ମାମଲା, ବାଣିଜ୍ୟିକ ବିବାଦ ମାମଲା, ଉପଯୁକ୍ତ ନିଯୁକ୍ତି ବା ଚାକିରୀ ସମ୍ବନ୍ଧୀୟ ମାମଲା, ଶ୍ରମ ଅଧିନିୟମ, ଖାଉଟି ମାମଲା ଏବଂ ଅନ୍ୟାନ୍ୟ ଦେୱାନି ମାମଲା ଗୁଡିକ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯାଇପାରିବ, ଯାହା ଦ୍ୱାରା ଜନସାଧାରଣ ମାନେ ସମୟ ଏବଂ ଖର୍ଚ୍ଚ ଅପଚୟ ହେବାରୁ ରକ୍ଷା ପାଇପାରିବେ । ଜନସାଧାରଣ ଏହି ସୁଯୋଗ ର ସଦୁପଯୋଗ କରନ୍ତୁ ବୋଲି ପ୍ରାଧିକରଣ ପକ୍ଷରୁ ସୂଚନା ଦିଆ ଯାଇଛି। ଅଧିକ ସୂଚନା ପାଇଁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଝାରସୁଗୁଡ଼ା ସହିତ ଯୋଗାଯୋଗ କରିପାରିବେ କିମ୍ବା ରାଷ୍ଟ୍ରୀୟ ହେଲ୍ପଲାଇନ ୧୫୧୦୦ କୁମଧ ଫୋନ୍ କରି ସୂଚନା ନେଇ ପାରିବେ ।

## ବୁର୍ଲାରେ କଳାକନା ବୁଲାଇ ଚେନ୍ନାଇରୁ ଅଭିଯୁକ୍ତ ଗିରଫ

### ବହୁ ଅଳଙ୍କାର ସହ ଦାମୀ ସାମଗ୍ରୀ ଜବତ



ସମ୍ବଲପୁର, ୨/୧୦(ନି/ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ପୋଲିସ ଏକ ଘରୋଇ ଚୋରି ଘଟଣାର ତଦନ୍ତ କରି ସୁଦୂର ଚେନ୍ନାଇରୁ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ପୋଲିସ ତଳପଦା ଅଂଚଳର ୨୪ ବର୍ଷୀୟ ବିକାଶ ସାମଲ ଓ ବିଷ୍ଣୁ ମନ୍ଦିରପଡ଼ା ଅଂଚଳର ୩୩ ବର୍ଷୀୟ ଜିତେନ୍ଦ୍ର ସାହାଙ୍କୁ ପୋଲିସ ଗିରଫ କରିଛି। ଏସମ୍ପର୍କରେ ବୁର୍ଲା ଥାନାରେ ହୋଇଥିବା ୪୦୯/୨୬ରେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାନୁଯାୟୀ ବୁର୍ଲା ଭିଏସ୍ଏସ୍ୟୁଟି କଲୋନୀରେ ବନ୍ଦ ଥିବା ଏକ ଘରର ଲକ୍ ଭାଙ୍ଗି ଚୋରି କରାଯାଇଥିଲା। ଅଭିଯୋଗକାରିଣୀ ବନ୍ଦନା ଦେଓରିଆ (୩୮) ଗତ ୧୨.୦୯.୨୦୨୬ରେ ମା'ଙ୍କ ଚିକିତ୍ସା ପାଇଁ ଭୁବନେଶ୍ୱର ଯାଇଥିଲେ। ଘରେ ତାଲା ପକାଇ ଯାଇଥିବା ବେଳେ ୨୦.୦୯.୨୦୨୬ରେ ଘରେ ଚୋରି ହୋଇଥିବା ଖବର ପାଇ ସେ ବୁର୍ଲା ଫେରିଥିଲେ। ଘରର ପ୍ରବେଶ ଦ୍ୱାର ଓ ଆଲମିରା ଭଙ୍ଗାଯାଇଥିବା ସହ ସୁନା, ରୁପା ଅଳଙ୍କାର, ଘଂଟା, ଲାପଟପ୍, ମୋବାଇଲ୍, ଜୋତା ଓ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡ଼ିଥିଲା। ପୁଲିସର ବୈଜ୍ଞାନିକ ଟିମ୍, ଗୁପ୍ତଚର ଓ ବିଶ୍ୱସନୀୟ ସୂତ୍ର ମାଧ୍ୟମରେ ତଦନ୍ତ ଆଗକୁ ବଢ଼ାଯାଇଥିଲା। ତଦନ୍ତରୁ ବିକାଶ ସାମଲ ଚୋରି କରିବା ପରେ ଚେନ୍ନାଇ ପଳାଇଯାଇଥିବା ଜଣାପଡ଼ିଥିଲା। ଏହାପରେ ବୁର୍ଲା ପୁଲିସର ଏକ ଟିମ୍ ଚେନ୍ନାଇ ଯାଇ ତାଙ୍କୁ ଗିରଫ କରି ବୁର୍ଲା ଆଣିଥିଲା। ପଚରାଉଚରା ବେଳେ ବିକାଶ ଚୋରି ଘଟଣା ସ୍ୱୀକାର କରିଥିବା ଏବଂ କିଛି ସୁନା ଅଳଙ୍କାର ଜିତେନ୍ଦ୍ର ସାହାଙ୍କୁ ବିକ୍ରି କରିଥିବା ପୁଲିସ ସୂଚନା ଦେଇଛି। ଅନ୍ୟାନ୍ୟ ସୁନା ଓ ରୁପା ଅଳଙ୍କାରକୁ ନିଜ ଘର ପଛପଟେ ମାଟି ତଳେ ପୋତି ରଖିଥିବା ଜଣାପଡ଼ିଛି। ଜବତ ସାମଗ୍ରୀ ୭୮ ଗ୍ରାମ ସୁନା ଅଳଙ୍କାର, ୧୪୫.୪୩୦ ଗ୍ରାମ ରୁପା ଅଳଙ୍କାର, ପ୍ରାୟ ୧୭ ଲକ୍ଷ ଟଙ୍କା ମୂଲ୍ୟର ରୋଲେକ୍ସ ହାତଘଂଟା, ପ୍ରାୟ ୬୦ ହଜାର ଟଙ୍କାର ଲେନୋଭୋ ଲାପଟପ୍, ପ୍ରାୟ ୨୦ ହଜାର ଟଙ୍କାର ଭିଣୋଇ ମୋବାଇଲ୍, ପ୍ରାୟ ୭୦ ହଜାର ଟଙ୍କାର ଡିୟର ଜୋତା ଉଭୟ ଅଭିଯୁକ୍ତ ଠାରୁ ପୋଲିସ ଜବତ୍ କରିଛି । ଗିରଫ ଦୁଇ ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ବିଭିନ୍ନ ଥାନାରେ ୨୬ ରୁ ଉର୍ଦ୍ଧ୍ୱ ମାମଲା ରହିଥିବା ଜଣାପଡିଛି । ଅଭିଯୁକ୍ତ ବିକାଶ ସାମଲଙ୍କ ବିରୋଧରେ ବୁର୍ଲା ଥାନାରେ ୨୦୧୭ରୁ ୨୦୨୫ ମଧ୍ୟରେ ୨୦ଟି ମାମଲା ରହିଥିବା ବେଳେ, ବରଗଡ଼ ଥାନାରେ ମଧ୍ୟ ୨୦୨୫ରେ ୧ଟି ମାମଲା ରହିଛି। ଫଳରେ ବିକାଶଙ୍କ ବିରୋଧରେ ମୋଟ ୨୧ଟି ପୂର୍ବ ମାମଲା ରହିଛି। ଏହି ମାମଲାଗୁଡ଼ିକ ମଧ୍ୟରେ ଆଇପିସି, ବିଏନ୍ଏସ୍, ଆର୍ମସ୍ ଆକ୍ଟ ଓ ପୋକ୍ସୋ ଆକ୍ଟ ସମ୍ବନ୍ଧୀୟ ଧାରା ରହିଛି। ସେହିପରି ଅନ୍ୟ ଅଭିଯୁକ୍ତ ଇତେନ୍ଦ୍ର ସାହାଙ୍କ ବିରୋଧରେ ବୁର୍ଲା ଥାନାରେ ୨୦୧୫ରୁ ୨୦୨୪ ମଧ୍ୟରେ ୫ଟି ମାମଲା ରହିଛି। ଏହି ସମସ୍ତ ମାମଲା ବିହାର ଓ ଓଡ଼ିଶା ଅବକାରୀ ଆଇନ ଏବଂ ଓଡ଼ିଶା ଅବକାରୀ ଆଇନର ବିଭିନ୍ନ ଧାରାରେ ରୁଜୁ ଥିବା ଦସ୍ତାବିଜରୁ ଜଣାପଡ଼ିଛି।

## ପିକ୍ଅପରେ ବିପଜ୍ଜନକ ଭାବେ ଶ୍ରମିକ ପରିବହନ !

### ଭିଡିଓ ଭାଇରାଲ ପରେ ବି କାର୍ଯ୍ୟାନୁଷ୍ଠାନ ନାହିଁ

ଝାରସୁଗୁଡ଼ା,୨/୧୦(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଇକେରା ଅଂଚଳରେ ନିର୍ମାଣାଧୀନ ଏକଲବ୍ୟ ବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କୁ ଏକ ମାଲବାହୀ ପିକ୍ଅପ୍ ଗାଡ଼ିରେ ବିପଜ୍ଜନକ ଭାବେ ପରିବହନ କରାଯାଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କିତ ଏକ ଭିଡିଓ ଗତ ତିନି ଦିନ ଧରି ସୋସିଆଲ ମିଡିଆରେ ଘୁରିବୁଲୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସମ୍ପୃକ୍ତ ଗାଡ଼ି ବିରୋଧରେ ପ୍ରଶାସନ କିମ୍ବା ପରିବହନ ବିଭାଗ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ଉଠିଛି। ସୂଚନା ଅନୁସାରେ, ଓଡ଼ି-୨୩-ଜି-୮୦୭ ନମ୍ବର ବିଶିଷ୍ଟ ଏକ ମହିନ୍ଦ୍ରା ପିକ୍ଅପ୍ ଗାଡ଼ିରେ ଶ୍ରମିକମାନଙ୍କୁ ନେବାଆଣିବା କରାଯାଉଥିବା ଭିଡିଓ ସାମ୍ନାକୁ ଆସିଛି। ଅଭିଯୋଗ ଅନୁଯାୟୀ, ଗାଡ଼ିଟିର ଇନସୁରାନ୍ସ ଓ ପ୍ରଦୂଷଣ ପ୍ରମାଣପତ୍ର ସେପ୍ଟେମ୍ବର ୨୦ ତାରିଖରୁ ଅବଧି ଶେଷ ହୋଇଥିବା କୁହାଯାଉଛି। ଏପରି ସ୍ଥିତିରେ ଗାଡ଼ିଟି ନିୟମିତ ଭାବେ ଶ୍ରମିକ ପରିବହନରେ ବ୍ୟବହୃତ ହେଉଥିବା ନେଇ ପ୍ରଶ୍ନ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଥାନା ସମ୍ମୁଖ ଦେଇ ମଧ୍ୟ ଗାଡ଼ିଟି ଶ୍ରମିକମାନଙ୍କୁ ନେଇ ଯାତାୟାତ କରୁଥିବା ଦେଖାଯାଉଛି। ତଥାପି ଗାଡ଼ିର କାଗଜପତ୍ର ଯାଂଚ କିମ୍ବା ଆଇନାନୁଗ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନ ଉଠିଛି। ମାଲବାହୀ ଯାନରେ ଶ୍ରମିକଙ୍କୁ ଏଭଳି ଭାବେ ପରିବହନ କରାଯିବା ସୁରକ୍ଷା ଦୃଷ୍ଟିରୁ ମଧ୍ୟ ଚିନ୍ତାଜନକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ସାଧାରଣ ଯାନବାହନର କାଗଜପତ୍ର ଯାଂଚ ସହ ନିୟମ ଉଲ୍ଲଂଘନ ନେଇ ଜରିମାନା ଆଦାୟ କରାଯାଉଥିବା ବେଳେ, ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଡ଼ିର କାଗଜପତ୍ର ଓ ଶ୍ରମିକ ପରିବହନ ସମ୍ପର୍କିତ ନିୟମ ଯାଂଚ କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜିଲ୍ଲା ପରିବହନ ଅଧିକାରୀ ଗୌରହରୀ ହାଁସଦାଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା।

### ଜାଗାମିଶନ ଯୋଜନାରେ ଯୋଗ୍ୟହିତାଧିକାରୀଙ୍କୁ ଜାଗାଦେବାକୁ ଦାବି

କେନ୍ଦ୍ରାପଡା,୨/୧୦:କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୧ ନମ୍ବର ୱାର୍ଡରେ ଦୀର୍ଘବର୍ଷ ଧରି ଅବହେଳିତ ଅବସ୍ଥାରେ ଥିବା କଜଳାକେଳା ବସ୍ତିର ଅଧିବାସୀମାନଙ୍କ ଜାଗାମିଶନ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କ ଚୟନ କରିଜାଗା ଯୋଗାଇଦେବା ନିମନ୍ତେ ଶତାଧିକ ଗ୍ରାମବାସ ।ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।




# ସ୍ନେହୀ ସମାଜ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଏବଂ ପ୍ରତିଷ୍ଠା ଦିବସ ପାଳିତ






ରାଉରକେଲା,୨/୧୦(ନି/ପ୍ର): ରାଉରକେଲାର ସାମାଜିକ ସଂଗଠନ ସ୍ନେହୀ ସମାଜ ପକ୍ଷରୁ ବିର୍ସା ଡାହର ରୋଡ ସ୍ଥିତ ସ୍ନେହୀ ସମାଜ ଭବନ ପରିସରରେ ଆଜି ଗାନ୍ଧୀ ଜୟନ୍ତୀ ଏବଂ ସମାଜର ପ୍ରତିଷ୍ଠା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ପବିତ୍ର ଅବସରରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସମାଜର ସଭାପତି କେଶବ ପ୍ରସାଦ ସାହୁଙ୍କ ଅସୁସ୍ଥତା ହେତୁ, ପୂର୍ବତନ ସଭାପତି ମୋହନ ସାହୁ, ସାଧାରଣ ସମ୍ପାଦକ ଭୋଲା ଶରଣ ପ୍ରସାଦ, ଉପାଧ୍ୟକ୍ଷ ଜୟପ୍ରକାଶ ଜୋଶିଲା, କୋଷାଧ୍ୟକ୍ଷ ଅଶୋକ କୁମାର ଗୁପ୍ତା, ଡକ୍ଟର ନୀଳକଣ୍ଠ ସାହୁ, ପ୍ରମୋଦ କୁମାର ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ସର୍ବପ୍ରଥମେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟ ଅତିଥି ଶ୍ରୀ ନାୟକ କହିଥିଲେ ଯେ ସ୍ନେହୀ ସମାଜ ପକ୍ଷରୁ ଆଜି ଗାନ୍ଧୀ ଜୟନ୍ତୀ ଏବଂ ପ୍ରତିଷ୍ଠା ଦିବସର ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଇବା ସହିତ ସମାଜର ଯୁବକମାନଙ୍କୁ ସମାଜରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଯୁବକମାନେ ଆହୁରି ଆଗକୁ ବଢ଼ିବେ ଏବଂ ଆହୁରି ଆଗକୁ ବଢ଼ିବେ। ସମାଜର କୋଠା ନିର୍ମାଣ ଏବଂ ନବୀକରଣ କାର୍ଯ୍ୟ ପାଇଁ ବିଧାୟକ ଶ୍ରୀ ନାୟକ ୧୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା ମଧ୍ୟ କରିଥିଲେ। ସେ ସମାଜକୁ ପ୍ରତ୍ୟେକ କାମରେ ଶରୀର, ମନ ଏବଂ ଟଙ୍କା ଦେଇ ସମର୍ଥନ କରିବା ବିଷୟରେ ମଧ୍ୟ କହିଥିଲେ। ପ୍ରତିଷ୍ଠା ଦିବସ ସହିତ ଜଡିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ଶ୍ରୀ ନାୟକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିଜୟୀ ପ୍ରତିଭା ଏବଂ ସମାଜରେ ଉନ୍ନୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ, ସମାଜର ସାଧାରଣ ସମ୍ପାଦକ ଭୋଲା ଶରଣ ପ୍ରସାଦ କହିଥିଲେ ଯେ, ସ୍ନେହୀ ସମାଜର ପ୍ରତିଷ୍ଠା ଦିବସରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହିତ, ଆଜି ସମାଜର ୫୭ ବର୍ଷ ପୂରଣ ହୋଇଛି, ଆଂଚଳିକ ସ୍ନେହୀ ସମାଜ ସଂଗଠନ, ଯୁବତୀଙ୍କ ପାଇଁ ସ୍ନେହୀ ଜନଗଣନା, ସ୍ନେହୀ ବୈବାହିକ ପାଠାଗାର, ପାର୍କିଂ ସୁବିଧା ସହିତ ସ୍ନେହୀ ଭବନର ଦ୍ୱିତୀୟ ମହଲା ନିର୍ମାଣ, ନୂତନ ଜମି ଖୋଜା ଏବଂ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ସଭାପତି ମୋହନ ସାହେବ ସମାଜର ବିକାଶରେ ସମସ୍ତେ ଏକାଠି ହୋଇ କାମ କରିବା ବିଷୟରେ କହିଥିଲେ। ଆଜି ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଯୁବକମାନଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଜୟପ୍ରକାଶ ଯୋଶିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଲୋକଙ୍କ ଏକ ବଡ଼ ଭିଡ଼ ଦେଖିବାକୁ ମିଳିଥିଲା।

# ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ ପାଳିତ




ରାଉରକେଲା ,୨/୧୦(ନି/ପ୍ର): ଉପଖଣ୍ଡ ସ୍ତରୀୟ ଆନ୍ତର୍ଜାତୀୟ ବୟୋଜ୍ୟେଷ୍ଠ ଦିବସ–୨୦୨୬ ଆଜି ପାନପୋଷ ଉପଖଣ୍ଡରେ ପାଳିତ ହୋଇଯାଇଛି। ଛେଣ୍ଡ ଥାନା ନିକଟସ୍ଥ ମଡେଲ୍ ସିନିୟର ସିଟିଜେନ୍ ହେଲ୍ଥ ସେଣ୍ଟରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠମାନଙ୍କ ସମ୍ମାନ, ସୁରକ୍ଷା ଓ କଲ୍ୟାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଉରକେଲା ଡିଏଫ୍‌ଓ ରବିକାନ୍ତ ମିନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ରାଉରକେଲା ଏଏସପି ସ୍ନେହା ନାୟକ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାନପୋଷ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଚାନ୍ଦିନୀ ଏବଂ ମଡେଲ୍ ସିନିୟର ସିଟିଜେନ୍ ହେଲ୍ଥ ସେଣ୍ଟରର ସଭାପତି ମହେନ୍ଦ୍ର କୁମାର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଏଥିରେ ଅବସରପ୍ରାପ୍ତ ପୁଲିସ୍ ସଂଘ, ସିନିୟର ସିଟିଜେନ୍ ଆସୋସିଏସନ୍, ବୀରମିତ୍ରପୁର ଓ ଜଗଦାର ପ୍ରତିନିଧିମାନେ ମଧ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ମିନୁ ତାଣ୍ଡିଆ। ପାନପୋଷ ଏସ୍‌ଏସ୍‌ଓ ପ୍ରକାଶ କୁମାର ଦାସଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସ୍ୱାସ୍ଥ୍ୟ ଶିବିର, ଯୋଗାଭ୍ୟାସ, ସଚେତନତା କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା, ଆନ୍ତଃପିଢ଼ି ସମ୍ପର୍କ ସୁଦୃଢ଼ୀକରଣ, ଚାରାରୋପଣ ଓ ଚାରା ବଣ୍ଟନ ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ ଶିବିରର ସୁଚାରୁ ପରିଚାଳନାରେ ରାଉରକେଲା ସରକାରୀ ହସ୍ପିଟାଲ୍ (ଜଏଐ)ର ମେଡିକାଲ୍ ଟିମ୍ ପୂର୍ଣ୍ଣ ସହଯୋଗ କରିଥିଲେ। ‘ଏକ ପେଡ୍ ମାଁ କେ ନାମ’ ଅଭିଯାନ ଅନ୍ତର୍ଗତ ଚାରାରୋପଣ ଓ ଚାରା ବଣ୍ଟନ କରାଯାଇ ପରିବେଶ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ବୟୋଜ୍ୟେଷ୍ଠମାନଙ୍କ ପ୍ରତି ସମ୍ମାନ, ଯତ୍ନ ଓ ସହଯୋଗର ଭାବନାକୁ ସୁଦୃଢ଼ କରିବା ସହ ସେମାନଙ୍କ ଅନୁଭବ ଓ ଅବଦାନକୁ ସମାଜରେ ସମ୍ମାନିତ କରିବା ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପାନପୋଷ ଉପଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀମାନେ କାର୍ଯ୍ୟକ୍ରମର ସଫଳ ଆୟୋଜନ ଓ ସୁଚାରୁ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବୟସ୍କ ନାଗରୀକ ଦିବସ-୨୦୨୬ ପାଳିତ

ସୁନ୍ଦରଗଡ଼ ,୨/୧୦(ନି/ପ୍ର): ସୁନ୍ଦରଗଡ଼ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବୟସ୍କ ନାଗରୀକ ଦିବସ ସ୍ଥାନୀୟ ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ପରିସରରେ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ “ଏକ ପେଡ୍‌ମା କେ ନାମ୍ ୩.୦” ଭଳି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସୁଶ୍ରୀ କୁନ୍ତୀ ପ୍ରଧାନ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ; ଶ୍ରୀ ସନ୍ତୋଷ ଅମାତ, ଅଧ୍ୟକ୍ଷ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ,ସୁନ୍ଦରଗଡ଼, ଶ୍ରୀମତୀ କୁସୁମ ଟେଟେ, ସଭ୍ୟ,ଜନଜାତି ଉନ୍ନୟନ କମିଟି, ଶ୍ରୀ ସୂରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ, ସୁରଞ୍ଜନ କୁମାର ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଡଃ ରୀନାତି ମିଶ୍ର, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧୀକରଣ,ଶ୍ରୀ ମହେନ୍ଦ୍ର ମୁର୍ମୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ , ଶ୍ରୀ ଚିରବ୍ରତ ଦନ, ଅଧ୍ୟକ୍ଷ, ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ ସୁନ୍ଦରଗଡ଼ , ଶ୍ରୀ ଦିଲୀପ କୁମାର ପଟେଲ, ଅଧ୍ୟକ୍ଷ ,ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘ, ଶ୍ରୀମତୀ ମିତାଲି ରାଣା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ବୟସ୍କ ନାଗରିକମାନଙ୍କ ମଧ୍ୟରେ ସକ୍ରିୟ, ଉତ୍ପାଦନଶୀଳ ଓ ସୁସ୍ଥ ବାର୍ଦ୍ଧକ୍ୟକୁ ପ୍ରୋତ୍ସାହିତ କରିବାର ଗୁରୁତ୍ୱ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏଥିସହିତ ଯୁବପିଢ଼ି ଓ ବୟୋଜ୍ୟେଷ୍ଠଙ୍କ ମଧ୍ୟରେ ଆନ୍ତଃପିଢ଼ି ସମ୍ପର୍କ ଓ ସମନ୍ୱୟ ସୁଦୃଢ଼ କରିବା, ବୟୋଜ୍ୟେଷ୍ଠମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ପରାମର୍ଶ ଓ ସ୍କ୍ରିନିଂ ସୁବିଧା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୟସ୍କ ନାଗରିକଙ୍କ ପ୍ରତି ନିର୍ଯାତନା, ଅବହେଳା ଓ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହିତ ମାତାପିତା ଓ ବୟୋଜ୍ୟେଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ, ୨୦୦୭ (ଗଡଚଝଉ ଇମଶ୍ବ), ବୟୋଜ୍ୟେଷ୍ଠଙ୍କ ଆଇନଗତ ଅଧିକାର ଏବଂ ଉପଲବ୍ଧ ସହାୟତା ସେବା ସମ୍ପର୍କରେ ମଧ୍ୟ ସଚେତନ କରାଯାଇଥିଲା। ପରିବେଶ ସୁରକ୍ଷା ଓ ଦାୟିତ୍ୱବୋଧ ସୃଷ୍ଟି କରିବା ଉଦ୍ଦେଶ୍ୟରେ “ଏକ ପେଡ୍ ମା କେ ନାମ୍ ୩.୦” କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଥିଲା। ଏହା ମାଧ୍ୟମରେ ବୟୋଜ୍ୟେଷ୍ଠ ଓ ଯୁବପିଢ଼ିଙ୍କୁ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣରେ ସକ୍ରିୟ ଭାବେ ସାମିଲ କରାଯାଇଥିଲା। ଜିଲ୍ଲାରେ ସକ୍ରିୟ ଭାବେ ସାମାଜିକ କାର୍ଯ୍ୟରେ ନିୟୋଜିତ ଆବସରପ୍ରାପ୍ତ ବରିଷ୍ଠ ନାଗରିକ ସରକାରୀ କର୍ମଚାରୀ ସଂଘ, ସୁନ୍ଦରଗଡ଼ ଏବଂ ସୁନ୍ଦରଗଡ଼ ବରିଷ୍ଠ ନାଗରିକ ସଂଘର ବରିଷ୍ଠ ନାଗରିକମାନଙ୍କୁ ସେମାନଙ୍କର ଅବଦାନ ଓ ସକ୍ରିୟ ଅଂଶଗ୍ରହଣ ପାଇଁ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ବିଭିନ୍ନ ପ୍ରତିଯୋଗିତାର ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ବୟସ୍କ ନାଗରିକଙ୍କ ସମସ୍ୟା, ଅଧିକାର, ସମ୍ମାନ ଓ କଲ୍ୟାଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମର ପୂର୍ବଦିନ “ଏକ ପେଡ୍ ମା କେ ନାମ୍ ୩.୦” ଅଧୀନରେ ସୁନ୍ଦରଗଡ଼ସ୍ଥିତ ଶ୍ରବଣ ଓ ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ସେମାନଙ୍କ ନାତି-ନାତୁଣୀଙ୍କ ମଧ୍ୟରେ “ଆନ୍ତଃପିଢ଼ି ସମ୍ପର୍କ” ସୁଦୃଢ଼ କରିବା ନିମନ୍ତେ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଶାନ୍ତି ଶୋଭାଯାତ୍ରା ଓ ସ୍ୱଚ୍ଛତା ରାଲି ଅନୁଷ୍ଠିତ



ରାଉରକେଲା,୨/୧୦(ନି/ପ୍ର): ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଓ ରାଉରକେଲା ମହାନଗର ପକ୍ଷରୁ ରାଉରକେଲା ଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଶାନ୍ତି ଶୋଭାଯାତ୍ରା ସହିତ ସ୍ୱଚ୍ଛତା ରାଲି ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରା ରେ ମ୍ୟୁନିସିପାଲ କଲେଜ ଓ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ର ଛାତ୍ରଛାତ୍ରୀଙ୍କ ସହିତ ସ୍ୱୟଂ ସହାୟକ ଗୋଷ୍ଠୀ , ସ୍ୱଚ୍ଛ ସାଥୀ ମାନେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମୁଖରୁ ଏହି ଶୋଭାଯାତ୍ରା ବାହାରି ପାନପୋଷ ଛକ ଠାରେ ପହଞ୍ଚିଥିଲା। ପାନପୋଷ ଛକ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତିରେ ମୁଖ୍ୟ ଅତିଥି ଭାବରେ ରାଉରକେଲା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସାଦ ନାୟକ, ସମ୍ମାନୀୟ ଅତିଥି ଭାବରେ ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପାୟୁକ୍ତ ଅନୀତା ନାଏକ, ଉପାୟୁକ୍ତ ଶ୍ରୀଯୁକ୍ତ ତରୁଣ କାନ୍ତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୀମା ଫକ୍ଷତିମା ଏକ୍କା ଯୋଗ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ କ୍ଷ ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଘୁପତି ରାଘବ ରାଜା ରାମ ଏବଂ ବୈଷ୍ଣବ ଜନ ତୋ ତେନେ କହିଏ ଭଜନ ଗାନ କରା ଯାଇଥିଲା। ଏହି ଅବସରରେ ରାଉରକେଲା ମହାନଗର ନିଗମ ପକ୍ଷରୁ ଆୟୋଜିତ ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ଅଭିନବ କଳାକୃତି ପ୍ରଦର୍ଶନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ରାଉରକେଲା ସରକାରୀ ଶିକ୍ଷ ପ୍ରତିଷ୍ଠାନ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜଗଦା ସ୍ଥିତ ଆମ୍ବେଦକର ଘରୋଇ ଶିକ୍ଷ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ହା ପୂର୍ବରୁ ସକାଳ ୫ ଘଟିକାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ସହରରେ ରାମଧୂନ ପରବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ପରିଚାଳନାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ କାର୍ଯ୍ୟାଳୟର ଓ ମହାନଗର ନିଗମ ଅଧିକାରୀ କର୍ମଚାରୀ ସହଯୋଗ କରିଥିଲେ।

## ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ବରଖାସ୍ତ ଦାବିରେ ସିପିଆଇ ଓ ସିପିଆଇଏମ୍‌ର ବିକ୍ଷୋଭ

ରାଉରକେଲା,୨/୧୦(ନି/ପ୍ର): ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଽଓଜ) ନାମରେ ଯୋଗ୍ୟ ନାଗରିକଙ୍କ ମତାଧିକାର ବଞ୍ଚିତ ହେବା ଏବଂ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ନିର୍ବାଚନ ଆୟୋଗର ସ୍ୱାଧୀନତା କୁ ନେଇ ଗମ୍ଭୀର ପ୍ରଶ୍ନ ଉଠିଥିବା ବେଳେ ଆଜି ଅପରାହ୍ନରେ ଉଦିତ ନଗର ସ୍ଥିତ ଆମ୍ବେଦକର ଛକଠାରେ ସି ପି ଆଇ,ସି ପି ଆଇ (ଏମ୍),ସି ପି ଆଇ(ଏମ୍ ରାଉରକେଲା ଆଂଚଳିକ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ଏବଂ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏହି ବିକ୍ଷୋଭରେ ବାମପନ୍ଥୀ ଦଳ ସି ପି ଆଇ ଏମ୍ ରାଉରକେଲା ଆଂଚଳିକ କମିଟି ସଂପାଦକ ରାଜ କିଶୋର ପ୍ରଧାନ ଓ ସି ପି ଆଇ ଜିଲ୍ଲା ନେତା ଅନୁପମ ଦନ ଙ୍କ ମିଳିତ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସି ପି ଆଇ ରାଉରକେଲା ଜୋନ୍ ସଂପାଦକ ସଦାନନ୍ଦ ସାହୁ,ସି ପି ଆଇ ଏମ୍ ଜିଲ୍ଲା ସଂପାଦକ ମଣ୍ଡଳୀ ସଦସ୍ୟ ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ଆଂଚଳିକ ସଂପାଦକ ମଣ୍ଡଳୀ ସଦସ୍ୟ ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ବିଶ୍ୱଜିତ ମାଝୀ,ଅଜୟ ଶର୍ମା, ସି ପି ଆଇ ନେତା ପଚାଂନନ ସୁନା,ଭାଗ୍ୟଧର ରାଉତ, କାର୍ତ୍ତିକ ନାୟକ ନେତୃବୃନ୍ଦ ଉଦବୋଧନ ଦେଇ କହିଥିଲେ ଯେ ମତାଧିକାର ଗଣତନ୍ତ୍ରର ମୂଳ ଅଧିକାର। ତେଣୁ ଭୋଟର ତାଲିକା ପ୍ରସ୍ତୁତି, ସଂଶୋଧନ ଓ ନାମ ବାଦ ଦେବା ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ, ନିରପେକ୍ଷ, ଆଇନସମ୍ମତ ଓ ଯାଚଂଯୋଗ୍ୟ ହେବା ଆବଶ୍ୟକ। ପ୍ରଶାସନିକ ତ୍ରୁଟି, ସଫ୍ଟୱେର ସମସ୍ୟା, ଦଲିଲର ଅସ୍ପଷ୍ଟତା କିମ୍ବା ଅପାରଦର୍ଶୀ ପ୍ରକ୍ରିୟାର ଆଳରେ କୌଣସି ଯୋଗ୍ୟ ନାଗରିକଙ୍କୁ ଭୋଟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ। ୨୩ ସେପ୍ଟେମ୍ବରରେ ଗଣ ମାଧ୍ୟମରେ ପ୍ରକାଶିତ ଏକ ରିପୋର୍ଟକୁ ଉଲ୍ଲେଖ କରି ବକ୍ତାମାନେ କହିଥିଲେ ଯେ, ଗତ ଦଶ ମାସରେ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଭୋଟର ପଞ୍ଜିକରଣ, ନାମ ବାଦ ଓ ପୁନଃସ୍ଥାପନ, ଏସ ଆଇ ଆର୍ ଏବଂ ନିର୍ବାଚନୀ ତଥ୍ୟ ପରିଚାଳନା ନେଇ ଅନ୍ତତଃ ୧୪ ଥର ଆପତି ଉଠାଇଥିବା ଦାବି କରାଯାଇଛି।

# ରାଉରକେଲା ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନର ଶୁଭାରମ୍ଭ



ରାଉରକେଲା,୨/୧୦(ନି/ପ୍ର): ଆଜି ତା୦୨/୧୦/୨୬ ରିଖରେ ପ୍ରତିବର୍ଷ ପରି ,ଜାତିର ଜନକ ମୋହାତ୍ମା ଗାନ୍ଧୀ ଓ ଶାନ୍ତିଦୁନ ଲାଲବାହାଦୁର ଶାସ୍ତ୍ରୀ ଜୟନ୍ତୀ ଅବସରରେ,ଆମ ଦଳର ରାଜ୍ୟସଭାପତି ଏବଂ ମାନ୍ୟବରପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନବୀନ ବାବୁଙ୍କ ନିର୍ଦ୍ଦେଶ ଅନୁଯାଇ, ରାଉରକେଲା ଲୋକପ୍ରିୟ ମାନ୍ୟବର ବିଧାୟକ ସାରଦା ପ୍ରସାଦ ନାୟକ ପ୍ରତ୍ୟକ୍ଷ ତତ୍ୱାବଧାନରେ,ନଗର ସଭାପତି ଗଗନ ପଣ୍ଡାଙ୍କ ସଭାପତିତ୍ୱରେ ଜନସମ୍ପର୍କ ପଦଯାତ୍ରା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପାନପୋଷ ସ୍ଥିତ ମୋହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜା ଅର୍ଚ୍ଚନା କରାଯାଇ ବିଧାୟକ ସାରଦା ପ୍ରସାଦ ନାୟକ କା ର୍ଯ୍ୟକ୍ରମର ଶୁଭରମ୍ଭ କରି ଥିଲେ । ନିଜ ବକ୍ତବ୍ୟରେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସବୁ କର୍ମୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଥିଲେ,ଆପଣମାନେ ଓ ରାଉରକେଲା ବାସୀଙ୍କ ଆଶୀର୍ବାଦରୁ ଚାରିଥର ବିଧାୟକ ହୋଇ ରାଉରକେଲା ବାସୀଙ୍କ ସେବା କରିବାର ସୁଯୋଗ ପାଇଛି । ଆମସମସ୍ତଙ୍କର ପ୍ରିୟ ନେତା ନବୀନ ବାବୁଙ୍କ ଆଶୀର୍ବାଦରୁ ରାଜ୍ୟ ମନ୍ତ୍ରୀ ହେବାର ସୁଯୋଗ ପାଇଥିଲି । ନବୀନ ବାବୁଙ୍କ ନିର୍ଦ୍ଦେଶ ଅନୁଯାଇ ରାଉରକେଲାର ସାମଗ୍ରିକ ବିକାଶକୁ ଅଗ୍ରାଧିକାର ଦେଇ ଅତି ନିଷ୍ଠାର ସହିତ କା ର୍ଯ୍ୟମାନ କରିଆସିଛି,ଏବଂ ଆହୁରି ଅଧିକ କାର୍ଯ୍ୟ କରିବାର ଅଛି । ଅସ୍ମିତା ନାମରେ ରାଜ୍ୟ ସରକାର ପରିବର୍ତ୍ତନ ହେବାଦ୍ୱାରା ବିକାଶର ଧାରା ବାଧାପ୍ରାପ୍ତ ହୋଇଛି । ଆଜି ବିଜୁ ସ୍ୱାସ୍ଥ୍ୟ କାର୍ଡକୁ ଲୋକମାନେ ଝୁରୁଛନ୍ତି । ଜିଲ୍ଲା ସଭାପତି ପ୍ରାଦ୍ୟୁମ୍ନ ତ୍ରିପାଠୀ,ବରିଷ୍ଠ ନେତା ଅଭୟ କୁମାର ଦାସ,ଅକ୍ଷୟ ଦାସ,ଜୟନ୍ତ କୁମାର ମିଶ୍ର,ବିରେନ ସେନାପତି, ସୁଦାମ ଚନ୍ଦ୍ର ଦାଶ, ବିଲାଲ ଆହମଦ,ବିଜୟ କୁମାର ବରାଳ,ସନ୍ତୋଷ ନାୟକ,ପ୍ରମୁଖ ଡବଲ ଇଞ୍ଜିନ ସରକାରଙ୍କ କାର୍ଯ୍ୟଶୈଳୀକୁ ସମାଲୋଚନା କରିଥିଲେ । ନାରିନେତ୍ରୀ ସନ୍ଧ୍ୟା ଲକ୍ରା ଓ ଯୋଷ୍ଠା ନାୟକ,ଯୁବନେତା ପିଙ୍କୁ ଜୟସ୍ୱଳ,ସଞ୍ଜିତ ଛୋଟରାୟ, ଦୁସ୍ମନ୍ତ ରାଉତରାୟ, ବୁବୁଲି ରାଉତ, ସୁଶାନ୍ତ ଦାସ, ବାବୁ ଖାନ, ବିଭୁତି ପୁହାଣ, ସୁଧାଂଶୁ ସାମଲ,କାବୁଲି ପ୍ରତିହାରୀଙ୍କ ନେତୃତ୍ୱରେ ଏଠାରୁ ଏକ ବିରାଟ ଜନସଂପର୍କ ପଦଯାତ୍ରା ଅଭିଯାନ ଆରମ୍ଭ ହୋଇ ବଙ୍ଗଳା ଟୋଲା ଦେଇ ପାନପୋଷ ଛକ ରେ ଥିବା ଜାତିର ଜନକ ମୋହାତ୍ମା ଗାନ୍ଧୀ ପ୍ରତିମୁର୍ତୀ ନିକଟକୁ ଯାଇଥିଲେ । ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ନାୟକ ଏବଂ କର୍ମୀଗଣ,ଦେଶରପିତା ମୋହାତ୍ମା ଗାନ୍ଧୀ ଓ ପୂର୍ବତନ ସୁନାମଧନ୍ୟ ପ୍ରଧାନମନ୍ତ୍ରୀ ଲାଲବାହାଦୁରଶାସ୍ତ୍ରୀଙ୍କ ଜନ୍ମତିଥିରେ ମାଲ୍ୟାର୍ପଣ କରି ପୂଜା ଅର୍ଚ୍ଚନା କରିଥିଲେ । ଉପସ୍ଥିତ ଥିବା ଦଳୀୟ କର୍ମୀମାନଙ୍କୁ, ଅବସର ପ୍ରାପ୍ତ ଶିକ୍ଷକ ଶ୍ରୀ ରାଜ କିଶୋର ମିଶ୍ରଙ୍କ ଶପଥ ପାଠ କରାଇଥିଲେ । କା ର୍ଯ୍ୟକ୍ରମରେ ବରିଷ୍ଠ ଆଇନିଜୀବୀ ନେତା ସତ୍ୟନାରାୟନ ମୋହାପାତ୍ର, ଆଲୋକ ବୋଷ,ଆରତି ଚୌଧୁରୀ, ରମେଶ ମହାନ୍ତି, ନାରଣ ପ୍ରଧାନ, ଅଞ୍ଜନ ବାରିକ,ସୁନୀଲ ତିରକୀ,ପ୍ରକାଶ ରାୟ,ତନ୍ମୟ ଜେନା, ନିରଞ୍ଜନ ମହାନ୍ତ, ସୁବାଶ ସ୍ୱାଇଁ,ହରମୋହନ ମୋହାପାତ୍ର, ବ୍ରିଜେଶ ମ ।ହତୋ, ବୁଲୁ ମହାନ୍ତି, ସୁନନ୍ଦା ସେନାପତି, ସତ୍ୟନାରାୟନ ମିଶ୍ର,ଡା ଅନିଲ ଜେନା, ଶରତ ଚନ୍ଦ୍ର ବିଶ୍ୱାଳ,ମୀନ କେତନ ନାୟକ,କୁନୁ ଯାଦବ,ରାଜେନ୍ଦ୍ର ଯାଦବ,ବିନୟ ମହାନ୍ତି,ସରୋଜ ଜେନା, ନିମାଇ ଚରଣ ରାଉତ, ଅକ୍ଷୟ ନାୟକ,ରଞ୍ଜନ ନାୟକ,ଶ୍ରୀବଚ୍ଛ କୁଂଅର,ଜୟଶ୍ରୀ ପାନିଗ୍ରାହୀ, ସରୋଜ ଦାସ,ନିରଞ୍ଜନ ଚୌଧୁରୀ,ଭରତ ଦାସ,ପପୁ ମହାନ୍ତି, ପ୍ରମୁଖ ଯୋଗଦେଇଥିଲେ ।

# ଶ୍ରଦ୍ଧା, ପ୍ରତିବଦ୍ଧତା ଏବଂ ପ୍ରଶାନ୍ତ ପରିବେଶ ମଧ୍ୟରେ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଗାନ୍ଧୀ ଜୟନ୍ତୀ ପାଳିତ



ରାଉରକେଲା,୨/୧୦(ନି/ପ୍ର): ବିଶ୍ୱକୁ ସତ୍ୟ, ଅହିଂସା ଏବଂ ଶାନ୍ତିର ଅମର ସନ୍ଦେଶ ଦେଇଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ୧୫୭ତମ ଜୟନ୍ତୀକୁ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଅକ୍ଟୋବର ୨ ତାରିଖ ରେ ଶ୍ରଦ୍ଧା, ପ୍ରତିବଦ୍ଧତା ଏବଂ ପ୍ରଶାନ୍ତ ପରିବେଶ ମଧ୍ୟରେ ପାଳନ କରାଯାଇଛି। ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ତଥା ନିର୍ଦ୍ଦେଶକ ପ୍ରଭାରୀ (ଆର ଏସ ପି ) ର ଅତିରିକ୍ତ ଦାୟିତ୍ୱ ରେ ଥିବା ଶ୍ରୀ ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ ଡେଭେଲପମେଣ୍ଟ- ସିଏମଏଲଓ), ଶ୍ରୀ ବି. କେ. ଗିରି, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପ୍ରବନ୍ଧନ), ଶ୍ରୀ ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ଖଣି, ଓଜିଓଏମ-ସିଏମଏଲଓ), ଶ୍ରୀ ଏମ. ପି. ସିଂ, ମୁଖ୍ୟ ମହାପ୍ରବନ୍ଧକ (ଅର୍ଥ) ତଥା ନିର୍ବାହୀ ନିର୍ଦ୍ଦେଶକ (ଅର୍ଥ) ର ଅତିରିକ୍ତ ଦାୟିତ୍ୱ ରେ ଥିବା ଶ୍ରୀ ରାଜେଶ ଦାସଗୁପ୍ତା, ଭାରପ୍ରାପ୍ତ ସିଏମଓ (ମେଡିକାଲ ଆଣ୍ଡ ହେଲ୍ଥ ସର୍ଭିସେସ) ଡାକ୍ତର ଜେ. କେ. ଆଚାର୍ଯ୍ୟ, ଆର ଏସ ପି ର ବରିଷ୍ଠ ଅଧିକାରୀ ଙ୍କ ସମେତ ଇସ୍ପାତ ସହରର ବିଶିଷ୍ଟ ନାଗରିକମାନେ ମନୋରମ ମହାତ୍ମା ଗାନ୍ଧୀ ଉଦ୍ୟାନ, ସେକ୍ଟର-୧୮ ଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ଏବଂ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହା ପରେ, ସେମାନେ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ସିଭିକ ସେଣ୍ଟରଠାରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭଜନ ପାଠ, ସର୍ବଧର୍ମ ସମନ୍ୱୟ ମନ୍ତ୍ରର ଆବୃତି ଏବଂ ମହାତ୍ମାଙ୍କ ଜୀବନରୁ ପ୍ରମୁଖ ଶିକ୍ଷାର ସ୍ମରଣ ଏହି ଅବସରକୁ ଅତ୍ୟନ୍ତ ସ୍ମରଣୀୟ କରିପାରିଥିଲା। ବିଶିଷ୍ଟ ସଙ୍ଗୀତଶିଳ୍ପୀ ଶ୍ରୀମତୀ ଆଶାଲତା ଷଡ଼ଙ୍ଗୀ ଏବଂ ସିଂହାରୀ କଳା ନିକେତନର କଳାକାରମାନଙ୍କ ଦ୍ୱାରା ମହାତ୍ମା ଗାନ୍ଧୀଙ୍କ ପ୍ରିୟ ପ୍ରାର୍ଥନା ବୈଷ୍ଣବ ଜନ ତୋ....; ର ମଧୁର ପରିବେଷଣ ସହିତ ଉତ୍ସବର ଶୁଭାରମ୍ଭ ହୋଇଥିଲା। ସର୍ବଧର୍ମ ସଦ୍‌ଭାବନା ସଭା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ରାଉରକେଲାର ଶ୍ରୀ ଗୁରୁ ସିଂହ ସଭାର ସଦସ୍ୟମାନଙ୍କ ଦ୍ୱାରା ପବିତ୍ର ଗୁରୁ ଗ୍ରନ୍ଥ ସାହିବର କିଛି ଅଂଶ, ହାମିରପୁର ସାକ୍ରେଡ୍ ହାର୍ଟ କ୍ୟାଥେଡ୍ରାଲ ଚର୍ଚ୍ଚର ଏକ ଦଳ ଦ୍ୱାରା ପବିତ୍ର ବାଇବେଲର କିଛି ସ୍ଲୋକ, ସେକ୍ଟର-୧୫ ଇସ୍ପାତ ଅଞ୍ଜୁମାନର ଏକ ଦଳ ଦ୍ୱାରା ପବିତ୍ର କୁରାନ ଏବଂ ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶ୍ରୀମଦ୍ ଭଗବଦ୍ ଗୀତାର କିଛି ଅଂଶ ପାଠ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସମୂହ ବାପୁଙ୍କ ପ୍ରିୟ ରାମଧୁନ୍ ଆବୃତ୍ତି ସହିତ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା। ସିଲିକନ୍ ଷ୍ଟିଲ୍ ମିଲ୍‌ର କନିଷ୍ଠ ଯନ୍ତ୍ରୀ ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।